# ସଂକ୍ଷେପରେ

## ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

**ଝାରସୁଗୁଡ଼ା ଅଫିସ,୨୨।୬:** ବୁଧବାର ଅପରାହ୍ନରେ ବଜ୍ରପାତରେ ଲଖନପୁର ଥାନା ଖଇରକୁନୀ ଗ୍ରାମର ଜୟନ୍ତ ସାହୁ(୨୪)ଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ଭାଇ ଦୁର୍ଗା ପ୍ରସାଦଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଅପମୃତ୍ୟୁ ମାମଲା (ନଂ୯/୨୨) ରୁଜୁ କରିଛି। ପୋଲିସ୍ ମୃତଦେହ ଜବତକରି ଗୁରୁବାର ବ୍ୟବଚ୍ଛେଦ କରିବ ବୋଲି ଜଣାପଡିଛି। ଜୟନ୍ତ ମହୁଲ ଗଛ ନିକଟରୁ ଘରକୁ ଯାଉଥିବାବେଳେ ବଜ୍ରପାତର ଶିକାର ହୋଇଥିଲେ। ଏଥିରେ ସେ ପୋଡ଼ିଯାଇ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ପରିବାର ଲୋକେ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## କାୟାକଳ୍ପ ସମ୍ବର୍ଦ୍ଧନା ଉତ୍ସବ

**ଝାରସୁଗୁଡ଼ା ଅଫିସ,୨୨।୬:** ବ୍ରଜରାଜନଗର କୁକୁଡ଼ାକାନୀ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ବୁଧବାର କାୟାକଳ୍ପ ପୁରସ୍କାର ୨୦୨୧-୨୨ ବର୍ଷ ପାଇଁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଡୋଲମଣୀ ପଟେଲ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବ୍ରଜକିଶୋର ଭୋଇ, ଜିଲା କାର୍ଯ୍ୟକ୍ରମ ପରିଚାଳକ ବୁଲୁନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କୁକୁଡ଼ାକାନୀ ସ୍ୱାସ୍ଥ୍ୟଅଧିକାରୀ ଡା. ତପସ୍ୱିନୀ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ସିଡିଏମ୍ଓ ପଟେଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଜାତୀୟ ଗୁଣବତ୍ତାର ମାନ ହାସଲ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା କାର୍ଯ୍ୟକ୍ରମ ପରିଚାଳକ ସାହୁ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱଚ୍ଛତା ଓ ଉତ୍ତମ ସ୍ୱାସ୍ଥ୍ୟସେବା ଉପରେ ଆଲୋଚନା କରିଥିଲେ। ସହଯୋଗୀ କାର୍ଯ୍ୟକ୍ରମ ପରିଚାଳକ ସହରାଞ୍ଚଳ ଶୁଭକାନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ସଜ୍ଜକୁଦରଠାରେ ପୋଷଣ ଶିବିର ଉଦ୍‌ଯାପିତ

**କୁଚିଣ୍ଡା,୨୨।୬(ଡି.ଏନ.ଏ.):** ବାମରା ବ୍ଲକ ଜରାବଖା ପଞ୍ଚାୟତର ସଜ୍ଜକୁଦର ଅଙ୍ଗନୱାଡି କେନ୍ଦ୍ରଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆୱାର୍ଡ ପକ୍ଷରୁ ୧୫ଦିନ ଧରି ଚାଲିଥିବା ପୋଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଭୁବନେଶ୍ୱର ସିଡବ୍ଲ୍ୟୁସି ଆନୁକୂଲ୍ୟରେ ବାମରା ବ୍ଲକର ୧୦ ଗାଁକୁ ନେଇ ଏହି କାର୍ଯ୍ୟକ୍ରମ ଚାଲିଥିଲା। ଆୱାର୍ଡ ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ହୋଇଥିବା ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜରାବଗା ସରପଞ୍ଚ ଲାବଣ୍ୟ ନାଏକ ମୁଖ୍ୟ ଅତିଥି, ଖବରଦାତା ବିରଞ୍ଚି ଦର୍ଶା ମୁଖ୍ୟବକ୍ତା, ଖବରଦାତା ତନୟ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁଷ୍ଟିହୀନତା, ଗର୍ଭବତୀ ମା ଓ ଶିଶୁଙ୍କ ସେବା ଯତ୍ନ ଉପରେ ଆଲୋଚନା କରିଥିଲେ। ଆୱାର୍ଡ ଗୋଷ୍ଠୀ ପରିଚାଳକ ଅକ୍ଷୟ ସୂତାର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ କ୍ଷେତ୍ର କାର୍ଯ୍ୟନିର୍ବାହୀ କର୍ମୀ ବିନିତା ଖଡିଆ ଧନ୍ୟବାଦ ଦେଇଥିଲେ।

## ହାତୀ ଆକ୍ରମଣରେ ଆହତଙ୍କୁ ଭେଟିଲେ ବିଜେଡି ନେତା

**ନାକଟିଦେଉଳ,୨୨।୬(ଡ଼ି.ଏନ.ଏ.):** ନାକଟିଦେଉଳ ବ୍ଲକ ସାଲେଭଟା ପଞ୍ଚାୟତ ନେଭରାପାଳ ଗ୍ରାମର ଅନ୍ତର ପ୍ରଧାନ ଗତ ୧୯ତାରିଖରେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ହାତୀଟି ଶୁଣ୍ଢରେ ଧରି କଚାଡି ଦେବାରୁ ଅନ୍ତରଙ୍କ ଅଣ୍ଟା, ହାତ ଓ ଗୋଡ଼ରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଗ୍ରାମବାସୀ ଓ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ନାକଟିଦେଉଳ ଡ଼ାକ୍ତରଖାନା ନେଇଥିଲେ। ସେଠାରୁ ତାଙ୍କୁ ବୁର୍ଲା ଡ଼ାକ୍ତରଖାନାକୁ ପଠାଇ ଦିଆଯାଇଥିଲା। ବୁଧବାର ନାକଟିଦେଉଳ ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ବରିଷ୍ଠ ବିଜେଡ଼ି ନେତା ସୁଦର୍ଶନ ସାହୁ ବୁର୍ଲା ମେଡ଼ିକାଲକୁ ଯାଇ ସର୍ଜରୀ ୱାର୍ଡ଼ରେ ଚିକିତ୍ସିତ ହେଉଥିବା ଅନ୍ତରଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟ କଥା ପଚାରି ବୁଝିବା ସହ ଚିକିତ୍ସା କରୁଥିବା ଡ଼ାକ୍ତରଙ୍କ ସହ ଆଲୋଚନା କରିଥିଲେ।

## ଗାତରୁ ଗାଈ ଉଦ୍ଧାର

**ରାଉରକେଲା ଅଫିସ,୨୨।୬:** ଛେଣ୍ଡ ଥାନା ଅନ୍ତର୍ଗତ ରିଂରୋଡ୍ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକ ଗର୍ତ୍ତ ଭିତରୁ ୩ ଦିନ ପରେ ଏକ ଗାଈକୁ ଅଗ୍ନିଶମ ବାହିନୀ ଉଦ୍ଧାର କରିଛନ୍ତି। ଆରଏସ୍‌ପି ପକ୍ଷରୁ ଛେଣ୍ଡ ବସ୍‌ଷ୍ଟାଣ୍ଡ ନିକଟରେ କୌଣସି କାମ ପାଇଁ କିଛିଦିନ ତଳେ ବଡଧରଣର ଗର୍ତ୍ତ ଖୋଳା ଯାଇଥିଲା। ଏହି ଅଞ୍ଚଳରେ ଏକ ଗାଈ ଚରୁଥିବାବେଳେ କୌଣସି କାରଣରୁ ଉକ୍ତ ଗର୍ତ୍ତରେ ପଡିଯାଇଥିଲା। ସାମାଜିକ କର୍ମୀ ସଞ୍ଜୟ କୁମାର ମହାନ୍ତି ବୁଧବାର ପ୍ରାତଃ ଭ୍ରମଣରେ ଯାଇଥିବାବେଳେ ଏହା ଦେଖି ଅଗ୍ନିଶମ ବିଭାଗକୁ ଅବଗତ କରିଥିଲେ। ପରେ ଅଗ୍ନିଶମ ବାହିନୀ ସେଠାକୁ ଆସି ଗାଈଟିକୁ ଉଦ୍ଧାର କରିଥିଲେ। ଉଦ୍ଧାର ଗାଈଟିର ବେକ ଭାଙ୍ଗି ଯାଇଥିବା ବେଳେ ପିଠିରେ ଆଘାତ ଲାଗିଛି। ରାଉରକେଲା ପ୍ରାଣୀ ଚିକିତ୍ସାଳୟରେ ଗାଈଟିର ଚିକିତ୍ସା ଆରମ୍ଭ ହୋଇଛି।

# ‘ଚାକିରି ନ ଦେଲେ କୋଟିଏ ଟଙ୍କା ଦିଅ’

### ଦର୍ଲିପାଲି ବିସ୍ଥାପିତଙ୍କୁ ନେଇ ଜିଲା ପ୍ରଶାସନର ବୈଠକ

ଝାରସୁଗୁଡ଼ା ଅଫିସ,୨୨।୬


ବୈଠକରେ ଉପସ୍ଥିତ ଥିବା ପ୍ରଶାସନିକ ଅଧିକାରୀ ଓ ବିସ୍ଥାପିତ ଗ୍ରାମବାସୀ।

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର କ୍ଷେତ୍ରାଧିନ ବେଲପାହାଡ଼ ଖୋଲାମୁହଁ କୋଇଲା ଖଣି ଦ୍ୱାରା ବିସ୍ଥାପିତ ଦର୍ଲିପାଲି ଗ୍ରାମବାସୀଙ୍କୁ ନେଇ ଜିଲା ପ୍ରଶାସନ ତରଫରୁ ଜିଲା ଖଣିଜ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ବୁଧବାର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପ୍ରଶାସନ ତରଫରୁ ଉପଜିଲାପାଳ ଦୟାମୟ ପାଢୀ, ଜିଲା ଏଲ୍‌ଆଣ୍ଡ୍‌ଆର୍ ଅଧିକାରିଣୀ ଆଲୋମଣି ସେଠୀ ଏବଂ ବିସ୍ଥାପିତଙ୍କ ତରଫରୁ ବିରଞ୍ଚି ସାହୁ, ରଘୁନନ୍ଦନ ପଣ୍ଡା, ସରୋଜ ଛଣ୍ଡାଣ, ଗୋବିନ୍ଦ କରାଳୀ, କିଶୋର କରାଳୀ, ରାଜୁ ରୋହିଦାସ, ଅମୋଦ ଓରାମ, ଅଭିଷେକ କରାଳୀ, ଲବ ବୁଡା, କୁଶ ବୁଡା, ରାକେଶ ଯାଦବ, ଅରବିନ୍ଦ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଗ୍ରାମବାସୀ କମ୍ପାନୀ କର୍ତ୍ତୃପକ୍ଷ ଚାକିରି ନ ଦେଲେ ପ୍ରତି ବିସ୍ଥାପିତ ପରିବାରକୁ କୋଟିଏ ଟଙ୍କା ଦେବାକୁ ଦାବି କରିଥିଲେ।

ବୈଠକରେ ଗ୍ରାମବାସୀ କହିଥିଲେ, ଗ୍ରାମର କେତେଜଣ ଲୋକ ହକ୍‌ପାଇ ବିସ୍ଥାପିତ ହୋଇ ଅନ୍ୟତ୍ର ଥଇଥାନ ହୋଇଛନ୍ତି। ବାକି ୧୧୮ପରିବାର ହକ୍ ନ ପାଇ ଗ୍ରାମରେ ବସବାସ କରିଆସୁଛନ୍ତି। ଏଥିମଧ୍ୟରେ ୬୨ ଜମିହରା ଓ ୫୬ ଭୂମିହୀନ ପରିବାର ରହିଛନ୍ତି। ଏହିସବୁ ପରିବାର ରାଜ୍ୟ ସରକାରଙ୍କ ୨୦୦୬ ବିସ୍ଥାପିତ ଓ ଥଇଥାନ ଆଇନ ଅନୁଯାୟୀ ଉପଯୁକ୍ତ କ୍ଷତିପୂରଣ, ଥଇଥାନ ଓ ସ୍ଥାୟୀ ଚାକିରି ଆଦି ସୁବିଧା ସୁଯୋଗ ଦାବି କରିଆସୁଛନ୍ତି। ଏସବୁ ପାଇବାକୁ ନେଇ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଏକ କଟ୍‌ଅଫ୍ ଡେଟ୍ ଜାରି କରିଛନ୍ତି। ଫଳରେ ବିସ୍ଥାପିତମାନେ ବିଭିନ୍ନ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ଡେଟ୍ ପରିବର୍ତ୍ତନ ପାଇଁ ଗ୍ରାମବାସୀ ଦାବି କରୁଥିଲେ ମଧ ଏହାକୁ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଅଗ୍ରାହ୍ୟ କରିଚାଲିଛନ୍ତି। ଫଳରେ ସମସ୍ୟା ସମାଧାନ ହୋଇପାରୁ ନାହିଁ। ତେଣେ ସମ୍ପୂର୍ଣ୍ଣ ଗ୍ରାମ ବିସ୍ଥାପିତ ହୋଇ ନ ପାରିବାରୁ ଖଣି ସମ୍ପ୍ରସାରଣ ଅଟକି ରହିଛି। ଫଳରେ କୋଇଲା ଉତ୍ପାଦନରେ ବାଧା ସୃଷ୍ଟି ହେଉଛି। ଏହା କମ୍ପାନୀ ପାଇଁ ମୁଣ୍ଡ ବିନ୍ଧାର କାରଣ ହୋଇଛି। ଏପରିସ୍ଥଳେ କମ୍ପାନୀ କର୍ତ୍ତୃପକ୍ଷ ବିସ୍ଥାପିତଙ୍କୁ ଚାକିରି ନ ଦେଇ ଚାକିରି ବାବଦରେ କ୍ଷତିପୂରଣ ରାଶି ଦେବାପାଇଁ ନିଷ୍ପତ୍ତି ନେଇଛି। ଯଦି କମ୍ପାନୀର ଏଭଳି ନିଷ୍ପତ୍ତି ରହିଛି ତା’ହେଲେ ଚାକିରି ବାବଦକୁ ପ୍ରତି ପରିବାରଙ୍କୁ ୧କୋଟି ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରାଯାଉ ବୋଲି ବିସ୍ଥାପିତ ଗ୍ରାମବାସୀ ଦାବି କରିଛନ୍ତି। ପ୍ରଶାସନ ତରଫରୁ କୁହାଯାଇଛି କଟ୍‌ଅଫ୍ ଡେଟ୍ ପୂର୍ବରୁ ଯେଉଁମାନେ ଜନ୍ମ ହୋଇଛନ୍ତି ସେମାନଙ୍କୁ ଚାକିରି ବାବଦକୁ ୧୦ଲକ୍ଷ ଟଙ୍କା ଓ ଯେଉଁମାନେ କଟ୍‌ଅଫ୍ ଡେଟ୍ ପରେ ଜନ୍ମ ହୋଇଛନ୍ତି ସେମାନଙ୍କୁ ୮ଲକ୍ଷ ଟଙ୍କା ଓ ଭୂମିହୀନ ଗ୍ରାମବାସୀଙ୍କୁ ୮ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ଦିଆଯିବ। ଏହାକୁ ଗ୍ରାମବାସୀ ଅଗ୍ରାହ୍ୟ କରଛନ୍ତି। ଏ ନେଇ ଉପଜିଲାପାଳ ପାଢୀ କହିଛନ୍ତି, ବିସ୍ଥାପିତ ପରିବାରଙ୍କୁ ୧୦ଲକ୍ଷ ଓ ୮ଲକ୍ଷ ଟଙ୍କା ୨ କ୍ୟାଟେଗୋରୀରେ ଦିଆଯିବ। ଏହା ସହିତ ବିସ୍ଥାପିତ ଗ୍ରାମବାସୀଙ୍କୁ ତୁରନ୍ତ ବିସ୍ଥାପିତ କରି ଅନ୍ୟତ୍ର ଥଇଥାନ ପାଇଁ ଘରଭଡା ବାବଦରେ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଏହାକୁ ଗ୍ରାମବାସୀ ଗ୍ରହଣ ନ କରି ବିସ୍ଥାପିତ ପରିବାରଙ୍କୁ ଥଇଥାନ ପାଇଁ କମ୍ପାନୀ ତରଫରୁ ଯେଉଁ ବିସ୍ଥାପିତ ଓ ଥଇଥାନ କଲୋନୀ କରାଯାଇଛି ସେଠାରେ ସୁବିଧା କରାଯାଇ ସ୍ଥାନାନ୍ତର କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଆସନ୍ତା ରବିବାର ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ପାଢୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଖଡାମ ନିକଟ ବିସ୍ଥାପିତ ଓ ଥାଇଥାନ କଲୋନୀ ପରିଦର୍ଶନ କରି ଏହାର ସୁବିଧା ସୁଯୋଗ ସମ୍ପର୍କରେ ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି ।

## ଯୋଗଦେଲେ ନୂତନ ଜିଲାପାଳ



ସମ୍ବଲପୁର,୨୨।୬(ବ୍ୟୁରୋ)

ସମ୍ବଲପୁର ଜିଲାର ନୂତନ ଜିଲାପାଳ ଭାବେ ଅନନ୍ୟା ଦାସ ବୁଧବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ନୂତନ ଜିଲାପାଳଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ପୂର୍ବରୁ ସେ କଟକ ମହାନଗର ନିଗମ କମିଶନର ଭାବେ ଦକ୍ଷତାର ସହ କାର୍ଯ୍ୟକରି ଲୋକପ୍ରିୟତା ଅର୍ଜନ କରିଛନ୍ତି। ପ୍ରଥମ ଦିନରେ ଜିଲାସ୍ତରୀୟ ଅଧିକାରୀଙ୍କ ସହ ଅନୌପଚାରିକ ଆଲୋଚନା କରିଥିଲେ। ସେ ସମ୍ବଲପୁର ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଇଙ୍କୁ ଦର୍ଶନ କରି କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଜିଲାରେ ଚାଲିଥିବା ଅଧୁରା କାମ ଆଗକୁ ନେବା ସହ ନୂତନ ପ୍ରକଳ୍ପ ହାତକୁ ନେଇ ଜିଲାକୁ ସର୍ବଶ୍ରେଷ୍ଠ କରିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ନୂତନ ଜିଲାପାଳ ଦାସ କହିଛନ୍ତି।

# ବିପଦପୂର୍ଣ୍ଣ ସ୍କୁଲ କୋଠରି

ଜମନକିରା,୨୨।୬(ଡି.ଏନ.ଏ.)


ଶ୍ରେଣୀ କୋଠରିରେ ଭଙ୍ଗା ଆଜବେଷ୍ଟସ୍ ପଡିଛି।

### ୨ କୋଠରିରେ ୮ ଶ୍ରେଣୀର ଶିକ୍ଷାର୍ଥୀ

ଜମନକିରା ଗୋଷ୍ଠୀ ଶିକ୍ଷା ଅଧୀନ ଟିଙ୍କିବା ପଞ୍ଚାୟତ କ୍ରିମାଲୋଇ ସ୍କୁଲ କୋଠରି ଆଜବେଷ୍ଟସ୍ ଭାଙ୍ଗି ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏହାର ତୁରନ୍ତ ମରାମତି କରା ନ ଗଲେ କୌଣସି ସମୟରେ ବିପଦ ସୃଷ୍ଟି ହେବା ଆଶଙ୍କା ରହିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

କ୍ରିମାଲୋଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୦୨ ଜଣ ପିଲା ପାଠ ପଢନ୍ତି। ୮ ଶ୍ରେଣୀର ପିଲା ୫ କୋଠରୀରେ ପାଠ ପଢନ୍ତି। ଗତବର୍ଷ ପଞ୍ଚାୟତ ପକ୍ଷରୁ ୨ ଲକ୍ଷ ଟଙ୍କା ଆସିଥିବା ବେଳେ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ସମସ୍ତ ୫ କୋଠରୀର ଆଜବେଷ୍ଟସ୍ ଖୋଲି ମରାମତି କାମ କରିଥିଲେ। ସେହି ଟଙ୍କାରେ କେବଳ ୨ଟି କୋଠରୀର ଆଜବେଷ୍ଟସ୍ ବଦଳା ଯାଇଥିଲା। ଅନ୍ୟ ୩ କୋଠରୀ ସେମିତି ଖୋଲା ପଡ଼ିଥିଲା। ପରେ ପୁରୁଣା ଭଙ୍ଗା ଆଜବେଷ୍ଟସ୍‌କୁ ସେଥିରେ ପକାଯାଇଥିଲା। କୋଭିଡ ପାଇଁ ସ୍କୁଲ ବନ୍ଦ ଥିବା ବେଳେ ଅସୁବିଧା ନ ଥିଲା। ଚଳିତବର୍ଷ ସ୍କୁଲ ସ୍ୱାଭାବିକ ହେବା ଫଳରେ କୋଠରୀର ନିହାତି ଆବଶ୍ୟକ ପଡୁଛି। ୧୦୨ ଶିକ୍ଷାର୍ଥୀ ୨ କୋଠରୀରେ ବସି ପାଠ ପଢୁଛନ୍ତି। ୮ଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିବା ଶିକ୍ଷକଙ୍କୁ ସମସ୍ୟାରେ ପକାଉଛି। ଶୀଘ୍ର ଏହାର ପ୍ରତିକାର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଟିଙ୍କିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଦୀପ ଡୁଙ୍ଗଡୁଙ୍ଗଙ୍କୁ ପଚାରିବାରୁ ସେ କହିଥିଲେ, ସମସ୍ୟା ବିଷୟରେ ଅବଗତ ଅଛି। ସରପଞ୍ଚ, ସମିତିସଭ୍ୟ ଓ ଜିଲା ପରିଷଦ ସଭ୍ୟଙ୍କୁ ମଧ ଜଣାଇଛି। କୌଣସି ଆଡୁ ଟଙ୍କା ଆସିଲେ ଅଗ୍ରାଧିକାର ଭିତ୍ତିରେ ସମସ୍ୟା ଦୂର କରାଯିବ ବୋଲି କହିଥିଲେ।

# ଶ୍ରମିକଙ୍କ ସହ ମିଶି କାମକଲେ ସରପଞ୍ଚ

କୁଚିଣ୍ଡା,୨୨।୬(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବକ୍ସମା ପଞ୍ଚାୟତର ମହିଳା ସରପଞ୍ଚ ସରସ୍ୱତୀ ଠାକୁର ମଙ୍ଗଳବାର ଏକ ରାସ୍ତା କାମ ତଦାରଖ ପାଇଁ ଯାଇଥିବା ବେଳେ ଶ୍ରମିକମାନଙ୍କ ସହ କାମକରି ସେମାନଙ୍କ ମନୋବଳ ସୁଦୃଢ କରିଛନ୍ତି। ଜଣେ ନିର୍ବାଚିତ ପ୍ରତିନିଧି ହୋଇ ମଧ ତାଙ୍କର ଏଭଳି କାର୍ଯ୍ୟ ଦେଖି ସେଠାରେ କାର୍ଯ୍ୟରତ ମହିଳାପୁରୁଷ ଶ୍ରମିକ ଚକିତ ହୋଇପଡ଼ିଥିଲେ। ସୂଚନା ଅନୁଯାୟୀ ଠାକୁର ନିକ୍ରିମାଲ ଗ୍ରାମରେ ଉକ୍ତ ଦିନ ଏକ କଂକ୍ରିଟ ରାସ୍ତା ନିର୍ମାଣ ଚାଲିଥିଲା। ମେଟାଲିଂ କାମ ଚାଲିଥିବାରୁ ସରପଞ୍ଚ ଠାକୁର ରାସ୍ତାକାମର ତଦାରଖ ପାଇଁ ସେଠାକୁ ଯାଇଥିଲେ। ଶ୍ରମିକମାନେ ବାଲି ଓ ମେଟାଲ ବୋହି ମିକ୍ସଚର ମେଶିନରେ ଭର୍ତ୍ତି କରୁଥିବା ଦେଖି ସେ ହଠାତ୍ ସେମାନଙ୍କ ସହ ମିଶି ଏକ ଝୁଡିରେ ବାଲି ଓ ମେଟାଲ ବୋହିବା ଆରମ୍ଭ କରିଥିଲେ। ସୂଚନାଯୋଗ୍ୟ ଯେ, ପୂର୍ବରୁ ମଧ ସରପଞ୍ଚ ଠାକୁର ଏହିପରି କାର୍ଯ୍ୟକରି ସମସ୍ତଙ୍କ ପ୍ରିୟପାତ୍ର ହୋଇଛନ୍ତି। ହରିଶ୍ଚନ୍ଦ୍ର ଯୋଜନା ସହାୟତା ଟଙ୍କା ଘର ଘର ବୁଲି ବାଣ୍ଟିବା, ଜଳଛତ୍ରରେ ନିଜେ ପଥିକମାନଙ୍କୁ ଜଳ ଦାନ କରିବା, ପ୍ରବଳ ଗ୍ରୀଷ୍ମ ସମୟରେ ବୃଦ୍ଧାବୃଦ୍ଧଙ୍କ ଘରକୁ ଯାଇ ଭତ୍ତା ଟଙ୍କା ପ୍ରଦାନ କରିବା ଭଳି କାର୍ଯ୍ୟକରି ଉଦାହରଣ ପାଲଟିଛନ୍ତି।


ଝୁଡିରେ ବାଲି ବୋହୁଛନ୍ତି ସରପଞ୍ଚ।

## କୁଚିଣ୍ଡା ବିଏଫ୍‌ସି ୱାରିୟର ଚାମ୍ପିୟନ

### ପ୍ରଥମ ସମ୍ବଲପୁର ପ୍ରିମିୟର ଫୁଟ୍‌ବଲ ଲିଗ

ସମ୍ବଲପୁର,୨୨।୬(ବ୍ୟୁରୋ)

ପ୍ରଥମ ସମ୍ବଲପୁର ପ୍ରିମିୟର ଫୁଟ୍‌ବଲ ଲିଗ ମଙ୍ଗଳବାର ରାତିରେ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ କୁଚିଣ୍ଡା ବିଏଫ୍‌ସି ୱାରିୟର ଚାମ୍ପିୟନ ଓ ସମ୍ବଲପୁର ୟୁନାଇଟେଡ ଏଫ୍‌ସି ରନର୍ସ ଅପ ହୋଇଛି। ମ୍ୟାଚର ୧୫ତମ ମିନିଟରେ ଏଫ୍‌ସି ଖେଳାଳି ଏଡୱିନ ତିର୍କି ପ୍ରଥମ ଗୋଲ ସ୍କୋର କରିଥିଲେ। ପରେ ୪୯ତମ ମିନିଟରେ ବିଏଫ୍‌ସି ଖେଳାଳି ଛବିଳ କିଷାନ ଗୋଲ ସ୍କୋର କରିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ୧-୧ ଗୋଲରେ ମ୍ୟାଚ ଅମିମାଂଶିତ ରହିଥିଲା। ପେନାଲଟି ଶୁଟ୍‌ଆଉଟରେ ବିଏଫସି ୮-୭ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚକୁ ପ୍ରଦୀପ୍ତ ନାଏକ, ଦେବାଶିଷ ବାଗ, ଶଶିକାନ୍ତ ଦାସିଆ, ଦିଲୀପ ରାଉତ ପରିଚାଳନା କରିଥିଲେ। ଆୟୋଜକ କମିଟି ସଭାପତି ମହମ୍ମଦ ସାବୀର ଅହମ୍ମଦଙ୍କ ପରିଚାଳନା ଓ ସମ୍ପାଦକ ଅବଦୁଲ ଗଫାରଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ମୁଖ୍ୟ ଅତିଥି, ଜିଲା କ୍ରୀଡ଼ାସଂଘ ଉପସଭାପତି ଦୁଲାଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ ।

# ଜିଲା ପରିଷଦ ସଭ୍ୟଙ୍କ ମଧ୍ୟାହ୍ନଭୋଜନ ଯାଞ୍ଚ


ପିଲାଙ୍କ ସହ ମଧ୍ୟାହ୍ନଭୋଜନ କରୁଛନ୍ତି ଜିଲା ପରିଷଦ ସଭ୍ୟ।

କୁଚିଣ୍ଡା,୨୨।୬(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ଜିଲା ପରିଷଦ ଜୋନ ୧ ସଭ୍ୟ ଅଜିତ ମହାପାତ୍ର ମଙ୍ଗଳବାର ବକ୍ସମା ପଞ୍ଚାୟତ ଅନ୍ତର୍ଗତ ଠାକୁରନିକ୍ରିମାଲ ପ୍ରାଥମିକ ସ୍କୁଲ ପରିଦର୍ଶନରେ ଯାଇ ପିଲାଙ୍କୁ ଦିଆଯାଉଥିବା ମଧ୍ୟାହ୍ନଭୋଜନ ମାନ ଯାଞ୍ଚ କରିଛନ୍ତି। ପରେ ସେ ଛାତ୍ରୀଛାତ୍ରଙ୍କ ସହ ମିଶି ମଧ୍ୟାହ୍ନଭୋଜନ କରିଥିଲେ। ପରିଦର୍ଶନ ସମୟରେ ତାଙ୍କ ସହ ବକ୍ସମା ସରପଞ୍ଚ ସରସ୍ୱତୀ ଠାକୁର ମଧ ଉପସ୍ଥିତ ଥିଲେ। ଏହାଛଡା ଜିଲା ପରିଷଦ ସଭ୍ୟ ମହାପାତ୍ର ବକ୍ସମା ପଞ୍ଚାୟତର ଧୋବାପଡାକୁ ଯାଇ ଏକ ନଳକୂପ ଖନନ ପାଇଁ ସ୍ଥାନ ନିରୂପଣ କରିଥିଲେ। ପରେ ସେ ଠାକୁରନିକ୍ରିମାଲ ଗସ୍ତରେ ଯାଇ ସେଠାରେ ଚାଲିଥିବା ଏକ କଂକ୍ରିଟ ରାସ୍ତା ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ନିକଟରେ ଥିବା ପ୍ରାଥମିକ ସ୍କୁଲ ପରିଦର୍ଶନ କରି ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ।

## ମିକ୍ସଚର ମେଶିନରେ ପେଷି ହୋଇ ଠିକା ଶ୍ରମିକ ଗୁରୁତର

ରାଉରକେଲା ଅଫିସ,୨୨।୬

ରାଉରକେଲା ଜଳଦା ‘ଏ’ ବ୍ଲକ ଅଞ୍ଚଳରେ ସାପ୍ତାହିକ ହାଟର ପିଣ୍ଡିକାମ ବେଳେ ମିକ୍ସଚର ମେଶିନରେ ପେଷି ହୋଇ ଜଣେ ଠିକା ଶ୍ରମିକ ଗୁରୁତର ହୋଇଛନ୍ତି। ଉକ୍ତ ଠିକା ଶ୍ରମିକ ତୁଷାରି କିଣ୍ଡୋ(୪୬) ବୋଲି ଜଣାପଡିଛି। ଜଳଦା ‘ବି’ ବ୍ଲକ ଟୁଙ୍ଗୁରିଟୋଲି ବସ୍ତିର ତୁଷାରି ବୁଧବାର ସକାଳ ସାଢ଼େ ୭ଟାରେ ସାପ୍ତାହିକ ହାଟର ପିଣ୍ଡି କାମ କରିବାକୁ ଯାଇଥିଲେ। ସେଠାରେ ସେ ମିକ୍ସଚର ମେଶିନରେ ସିମେଣ୍ଟ ମିଶ୍ରିତ ବାଲି ପକାଉଥିବାବେଳେ ହଠାତ ତାଙ୍କ ଲୁଗାକାନି ମେଶିନରେ ଲାଗିଯାଇଥିଲା। ଫଳରେ ସେ ମିକ୍ସଚର ମେଶିନରେ ପେଷି ହୋଇଯାଇଥିଲ। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଆରଜିଏଚ୍‌ରେ ଭର୍ତ୍ତି କରାଯାଇଛି।

# ପୋଲିସ ପକ୍ଷରୁ ରକ୍ତଦାନ ଶିବିର: ୧୦୮ ୟୁନିଟ୍ ରକ୍ତ ସଂଗ୍ରହ

ରେଢ଼ାଖୋଲ,୨୨।୬(ଡି.ଏନ.ଏ.)

ରେଢ଼ାଖୋଲ ପୋଲିସ ପକ୍ଷରୁ ଥାନା ପରିସରରେ ବୁଧବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ରେଢାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର ଏହାକୁ ଉଦ୍‌ଘାଟନ କରି ଡାକ୍ତରଖାନା ରକ୍ତଭଣ୍ଡାରରେ ରକ୍ତ ଅଭାବ ଦୂର କରିବା ସହିତ ଜରୁରୀ ଆବଶ୍ୟକ କରୁଥିବା ରୋଗୀମାନଙ୍କ ପାଇଁ ଏହା ସଂଜିବନୀ ସଦୃଶ ହେବ ବୋଲି ପ୍ରକାଶ କରିଥିଲେ। ଶିବିରରେ ୧୦୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏଥିରେ ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଏନଏସି ଅଧ୍ୟକ୍ଷ ଶିବରାମ ସାହୁ, ନାକ୍ଟିଦେଉଳ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସୁଦର୍ଶନ ସାହୁ, ଥାନା ଅଧିକାରୀ ସୁରୁବାବୁ ଛତ୍ରିଆ, ଏସ୍‌ଆଇ ସଞ୍ଜୟ କୁଲୁ, ଅସିମା ଏକ୍କା, ଏସଡିଏମଓ ଡା. ଜଳନ୍ଧର ମେହେର ପ୍ରମୁଖ ଯୋଗଦେଇଥିଲେ। ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରର ଡା. କଳ୍ପେଶ କକ୍କଡ, କାମଦେବ ପଟେଲ, ତାପସ ନାୟକ, ରଜତ ସାହୁ, ଯାମିନି ସାହୁ ଶିବିର ପରିଚାଳନା କରିଥିଲେ।


ଶିବିରକୁ ଏସ୍‌ଡିପିଓ ପ୍ରଶାନ୍ତ ମେହେର ଉଦଘାଟନ କରୁଛନ୍ତି।

# ନିର୍ମାଣାଧୀନ ରାସ୍ତା ନିମ୍ନମାନର

ସମ୍ବଲପୁର,୨୨।୬(ବ୍ୟୁରୋ)


ଭୋଇପାଲି-ଘେନୁପାଲି ରାସ୍ତା।

- ଅଭିଯୋଗ କଲେ ଅଞ୍ଚଳବାସୀ
- ମରାମତି କରିବାକୁ ନିର୍ଦ୍ଦେଶ ଦିଆଯିବ: ବିଭାଗ

ସମ୍ବଲପୁର ଜିଲାର ଭୋଇପାଲି-ଘେନୁପାଲି ରାସ୍ତା କାମ ନିମ୍ନମାନର ହେଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପୂର୍ତ୍ତ ବିଭାଗ ଅଧୀନରେ ରାସ୍ତା କାମ ଚାଲିଥିବାବେଳେ କେତେକ ସ୍ଥାନରେ ପିଚୁ ଉଠିଗଲାଣି।

ସମ୍ବଲପୁର ସହର ଓ ନାକଟିଦେଉଳ ବ୍ଲକକୁ ସଂଯୋଗ କରୁଥିବା ଏହି ରାସ୍ତା ଉପରେ ଆଖପାଖ ଗ୍ରାମର ଲୋକେ ନିର୍ଭର କରନ୍ତି। ଭୋଇପାଲି ଛକରୁ ଘେନୁପାଲି ପର୍ଯ୍ୟନ୍ତ ରାସ୍ତା ଖାଲଖମା ହୋଇପଡିଥିଲା। ବାରମ୍ବାର ଅଭିଯୋଗ ପରେ ରାସ୍ତା ମରାମତି ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇଥିଲା। ପ୍ରାୟ ୬ କି.ମି. ରାସ୍ତାରେ ପିଚୁ ଆସ୍ତରଣ ଦେବା ସହ ଉଭୟ ପାର୍ଶ୍ୱରେ ମୋରମ ଓ ମାଟି ପକାଇବାକୁ ରହିଛି। ଏଥିପାଇଁ ପ୍ରାୟ ୯୦ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରହିଛି। ନଭେମ୍ବରରୁ କାମ ଆରମ୍ଭ କରି ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ରହିଥିଲା। ସ୍ଥାନୀୟ ଲୋକଙ୍କ କହିବା କଥା, ଖରାଦିନେ କାମ କରାଯାଇଥିଲେ ପିଚୁ ଓ ମାଟି କାମ ଉତ୍ତମମାନର ହୋଇଥାନ୍ତା। ହେଲେ ଏବେ ବର୍ଷା ସମୟରେ କାମ ଚାଲିଛି। ତେଣୁ ସମାନ୍ୟ ବର୍ଷା ହେଲେ ପିଚୁ ଉଠିଯାଉଛି। ଅନିୟମିତତା ଯୋଗୁ ପିଚୁ ଉଠିଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଆଗକୁ ରାସ୍ତାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୂର୍ତ୍ତ ବିଭାଗ ଏ ନେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ବିଭାଗୀୟ ଏସ୍‌ଡିଓ ଡି. ବେହେରା କହିଛନ୍ତି, ଯେଉଁ ସ୍ଥାନରେ ପିଚୁ ଉଠିଯାଇଛି ଆଉ ଥରେ ମରାମତି କରିବାକୁ ନିର୍ଦ୍ଦେଶ ଦିଆଯିବ। ଲୁହା ଚକ ଚାଲିବା ଓ କେତେକ ଗ୍ରାମ ରାସ୍ତା ସହ ସଂଯୋଗ କରୁଥିବା ସ୍ଥାନରେ ସାମାନ୍ୟ ପିଚୁ ଉଠିଯାଇଥିଲା। ବୁଧବର ଏହାର ମରାମତି କାମ ଚାଲିଛି। ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଖାଲଖମାକୁ ରାସ୍ତା ସହିତ ସମତଳ କରି ମୋରମ ଓ ମାଟି ଦିଆଯାଉଛି। ଉନ୍ନତମାନର କାମ ହୋଇଥିବା ଯାଞ୍ଚ ପରେ ବିଲ୍ ଦିଆଯିବ ବୋଲି ସେ କହିଥିଲେ।

## ସଂକ୍ଷେପରେ

### ବଡ଼ଭାଇ ଟାଙ୍ଗିଆ ଚୋଟରେ ସାନଭାଇ ମୃତ

**ଲହୁଣୀପଡ଼ା,୨୨।୬(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଖୁଣ୍ଟୁଗାଁ ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ହତ୍ୟାକାଣ୍ଡ ଘଟିଛି। ବଡ଼ଭାଇ ବାଣେଶ୍ୱର କୁମୁରାଙ୍କ ଟାଙ୍ଗିଆ ଚୋଟରେ ସାନଭାଇ ବିଶେଶ୍ୱରଙ୍କ ମୃତ୍ୟୁ ଘଟିଛି। ବାଣେଶ୍ୱର ନିଜ ଶ୍ୱଶୁର ଘର ଦେବଗଡ଼ ଜିଲା ଶରୁଆଳି ଗ୍ରାମରେ ରହୁଥିଲେ। ସ୍ତ୍ରୀ ମରିଯିବା ପରେ ନିଜ ଗ୍ରାମ ଖୁଣ୍ଟୁଗାଁରେ ଆସି ସାନଭାଇ ବିଶେଶ୍ୱରଙ୍କ ପାଖରେ ରହୁଥିଲେ। ବିଶେଶ୍ୱରଙ୍କ ଝିଅମାନେ ଖାଇବା ପିଇବା ଦେଉଥିଲେ। ତଥାପି ମଝିରେ ମଝିରେ ବାଣେଶ୍ୱର ସାନଭାଇ ବିଶେଶ୍ୱରଙ୍କୁ ଗାଳିଗୁଲଜ କରୁଥିଲେ। ସାନଭାଇଙ୍କ ପରିବାର ଲୋକ କିଛି ନ କହି ଚୁପଚାପ ରହିଯାଉଥିଲେ। ମଙ୍ଗଳବାର ବାଣେଶ୍ୱର ଘରେ ଝଗଡା କରିବାରୁ ବିଶେଶ୍ୱର ବିରୋଧ କରିଥିଲା। ବାଣେଶ୍ୱର ଚୁପଚାପ ରହି ଯାଇଥିଲେ। କିନ୍ତୁ ରାତି ପ୍ରାୟ ୧୨ଟା ପରେ ଘର ଅଗଣାରେ ବିଶେଶ୍ୱର ଖଟ ଉପରେ ଶୋଇଥିବା ଦେଖି ବାଣେଶ୍ୱର ଏକ ଟାଙ୍ଗିଆରେ ବେକରେ ଚୋଟ ମାରିଥିଲେ। ଫଳରେ ବିଶେଶ୍ୱରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ବୁଧବାର ସକାଳୁ ରକ୍ତଜୁଡୁବୁଡୁ ଅବସ୍ଥାରେ ବିଶେଶ୍ୱର ମରି ପଡିଥିବା ଦେଖି ପରିବାର ଲୋକେ ଲହୁଣୀପଡ଼ା ପୋଲିସକୁ ଖବର ଦେଇଥିଲେ। ବଡଭାଇ ବାଣେଶ୍ୱର ଘରେ ନ ଥିବା ଦେଖି ଖୋଜାଖୋଜି କରିଥିଲେ। ଖବରପାଇ ଲହୁଣୀପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡ଼ା ପଠାଇବା ସହିତ ବାଣେଶ୍ୱରଙ୍କୁ ଧରି ଥାନାରେ ଅଟକ ରଖି ପଚରାଉଚରା କରୁଛି।

### ମାଡ଼ ମାରି ଲହୁଲୁହାଣ କରିବା ଘଟଣାରେ ୩ ଗିରଫ

**କୁତ୍ରା,୨୨।୬(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ଗୁଲେପଡ଼ା ଗ୍ରାମର ଜଣକୁ ମାରିବା ଘଟଣାରେ କୁତ୍ରା ପୋଲିସ ପକ୍ଷରୁ ୩ଜଣଙ୍କୁ ଗିରଫ କରାଯାଇଛି। ଗୁଲେପଡା ଗ୍ରାମର ଶତ୍ରୁଘନ ଜୟପୁରିଆଙ୍କୁ କୌଣସି କଥାକୁ ନେଇ ଗତ ୫ ତାରିଖ ସନ୍ଧ୍ୟାରେ ତାଙ୍କୁ ଗ୍ରାମରେ ଲଙ୍ଗଳା କରିବା ସହିତ ବାନ୍ଧି ମାଡ଼ମାରି ଲହୁଲୁହାଣ କରିଥିବା ନେଇ ତାଙ୍କ ପୁଅ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ପୋଲିସ ପକ୍ଷରୁ ତଦନ୍ତ କରାଯାଇ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି କୁତ୍ରା ଥାନା ଅଧିକାରୀ। ଅଭିଯୁକ୍ତମାନେ ହେଲେ ଦୟାନନ୍ଦ ଜୟପୁରିଆ(୭୦), ସୁଜିତ ହେସ(୨୨) ଓ ଦେବେନ୍ଦ୍ର ହେସ(୨୫)।

### ଦେଶୀ ମଦ ଜବତ, ୪ ଗିରଫ

**ରାଉରକେଲା ଅଫିସ,୨୨।୬:** ଦେଶୀ ମଦ ବିକ୍ରି ଅଭିଯୋଗରେ ରାଉରକେଲା ଅବକାରୀ ପୋଲିସ ୪ମହିଳାଙ୍କୁ ଗିରଫ କରିଛି। ସମସ୍ତ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି। ବୁଧବାର ସକାଳ ସାଢ଼େ ୧୦ଟା ସମୟରେ ଅଭିଯୁକ୍ତ ଦୁଇ ମହିଳା ଏକ ସ୍କୁଟି (ନଂ.ଓଡି୧୪ଏନ୍/୧୦୭୯) ଯୋଗେ ୯୭ ଲିଟର ଦେଶୀ ମଦ ନେଇ ବିଶ୍ରା ଥାନା ମାନକୋ ଅଞ୍ଚଳକୁ ଯାଇଥିବା ବେଳେ ଧରା ପଡିଥିଲେ। ସେହିପରି ଅନ୍ୟ ଦୁଇ ଅଭିଯୁକ୍ତ ବନ୍ଧମୁଣ୍ଡା ଅଞ୍ଚଳରେ ଦେଶୀମଦ କାରବାର କରୁଥିବା ବେଳେ ଧରାପଡିଥିଲେ। ସେମାନଙ୍କ ପାଖରୁ ୬୦ ଲିଟର ଦେଶୀମଦ ଜବତ ହୋଇଛି।

### ବିଭିନ୍ନ ବିଭାଗର ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ

**ଦେବଗଡ଼, ୨୨।୬(ଡି.ଏନ୍.ଏ.):** ଦେବଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାର ସମସ୍ତ ଜିଲାସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ବିଭିନ୍ନ ବିଭାଗର ଉନ୍ନୟନ କାର୍ଯ୍ୟଗୁଡିକର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ବୈଠକରେ ଅଧକ୍ଷତା କରିଥିଲେ। ଏହି ବୈଠକରେ ଜିଲାପାଳ ଉପାଧ୍ୟାୟ ଅଧିକାରୀମାନଙ୍କ ସହ ବିଭିନ୍ନ ସମସ୍ୟାଗୁଡିକ ବିଷଦ ଭାବେ ଆଲୋଚନା କରି ବିବୃତ୍ତି ପ୍ରଦାନ କରିଥିଲେ। ବୈଠକରେ ଅଧିକାରୀମାନେ ଜିଲାପାଳଙ୍କୁ ନିଜ ବିଭାଗ ବିଷୟରେ ଆଲୋକପାତ କରିଥିଲେ। ଜିଲାପାଳ ଉପାଧ୍ୟାୟ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ରେବିକା ବେଲୁଙ୍ଗ, ପ୍ରକଳ୍ପ ନିର୍ଦ୍ଦେଶକ ଲୁକସ ପ୍ରଧାନ, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ସମସ୍ତ ତହସିଲଦାର, ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର, ସମସ୍ତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସ୍କୁଲ ଫାଟକରେ ତାଲା ପକାଇଲେ ଗ୍ରାମବାସୀ

■ ମରାମତି ହୋଇନାହିଁ ପବନରେ ଉଡିଯାଇଥିବା ଟିଣ ଛାତ
■ ଶିକ୍ଷାଦାନ ବାଧାପ୍ରାପ୍ତ

**ରିଆମାଳ,୨୨।୬(ଡି.ଏନ.ଏ)**

ନିମ୍ନମାନର ନିର୍ମାଣ କାର୍ଯ୍ୟ ଯୋଗୁଁ କାଳବୈଶାଖୀରେ ଉଡିଗଲା ୫-ଟି ଯୋଜନାରେ ନିର୍ମିତ ରିଆମାଳ ବ୍ଲକ ନୂଆଁଡିହୀସ୍ଥିତ ପଞ୍ଚପାଲି ସରକାରୀ ଉଚ୍ଚ ବିଦ୍ୟାଳୟର ଟିଣ ଛାତ। ମାତ୍ର ବିଡମ୍ବନାର ବିଷୟ ଏହା ଯେ, ଇତିମଧ୍ୟରେ ୨୦ଦିନ ବିତିଯାଇଥିଲେ ମଧ୍ୟ ଏହାର ମରାମତି କରାଯାଇ ନ ଥିବାରୁ ଛାତ୍ରୀଛାତ୍ରଙ୍କ ବସିବା ପାଇଁ ଦେଖାଦେଇଛି ସ୍ଥାନାଭାବ। ଏନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ, ବିଦ୍ୟାଳୟ ପରିଚାଳନା କମିଟି ଏବଂ ଅଭିଭାବକଙ୍କ ଦ୍ୱାରା ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଦାବି କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଅନ୍ୟପକ୍ଷରେ ସ୍ଥାନାଭାବ ଯୋଗୁ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଥିବାରୁ ବୁଧବାର ବାଧ ହୋଇ ବିଦ୍ୟାଳୟ ଫାଟକରେ ତାଲା ପକାଇଛନ୍ତି ଅଭିଭାବକ, ଗ୍ରାମବାସୀ ଏବଂ ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତା। ଏହା ସତ୍ତ୍ୱେ ଶିକ୍ଷା ବିଭାଗର କୌଣସି କର୍ମଚାରୀ କିମ୍ବା ଅଧିକାରୀ ସେଠାକୁ ଆସିବାକୁ ଉଚିତ ମଣିନାହାନ୍ତି। ଫଳରେ ଗୁରୁବାର ମଧ୍ୟ ବିଦ୍ୟାଳୟରୁ ତାଲା ଖୋଲିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ କିଛିମାସ ପୂର୍ବେ ସରକାରଙ୍କ ୫-ଟି ଯୋଜନାରେ ନୂଆଁଡିହି ସ୍ଥିତ ପଞ୍ଚପାଲି ସରକାରୀ ଉଚ୍ଚ ବିଦ୍ୟାଳୟର


ବିଦ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

ରୂପାନ୍ତରିକରଣ କରାଯାଇଥିଲା । ମାତ୍ର ଅତ୍ୟନ୍ତ ନିମ୍ନମାନର ନିର୍ମାଣ କାର୍ଯ୍ୟ ହେଉଥିବାବେଳେ ଅଞ୍ଚଳବାସୀ ଏବଂ ଅଭିଭାବକ ନିର୍ମାଣ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ ହେଁ ନିର୍ମାଣ କାର୍ଯ୍ୟରେ କୌଣସି ସୁଧାର ନ ହୋଇ ନିମ୍ନମାନର କାର୍ଯ୍ୟ ଜାରିରହିଥିଲା। ଫଳ ସ୍ୱରୂପ ଗତ ଜୁନ ୧ ତାରିଖ କାଳବୈଶାଖୀ ପ୍ରଭାବରେ ନୂତନ ଭାବେ ନିର୍ମିତ ଟିଣ ଛାତ (ଟ୍ରଷ୍ଟ ସମେତ)ପବନରେ ଉଡାଇ ନେଇଥିଲା। ଫଳରେ ଶ୍ରେଣୀ କୋଠରୀ ଅଭାବରୁ ଶିକ୍ଷାଦାନ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ଏଣେ ଭଙ୍ଗା ଟିଣ ଛାତର ମରାମତି ନିମନ୍ତେ ରିଆମାଳ ବ୍ଲକ କର୍ତ୍ତୃପକ୍ଷଙ୍କ ଦ୍ୱାରା କୌଣସି ଉଦ୍ୟମ ନ ଥିବାରୁ ଶିକ୍ଷାଦାନରେ ଅଚଳାବସ୍ଥା ଜାରି ରହିଥିଲା। ତେବେ ଦୀର୍ଘ ୨୦ ଦିନ ପରେ ମଧ୍ୟ ଭଙ୍ଗା ଟିଣ ଛାତର ମରାମତି ନିମନ୍ତେ କୌଣସି ଉଦ୍ୟମ ଆରମ୍ଭ ନହେବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ସେହିପରି ଏହାର ପ୍ରତିବାଦରେ ପୂର୍ବାହ୍ନ ପ୍ରାୟ ୧୧ ଟାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ ରଣଜିତ ଓ ଅଭିଭାବିକା ମହିମା ପଟ୍ଟାଙ୍କ ନେତୃତ୍ୱରେ ସମ୍ପୃକ୍ତ ଅଞ୍ଚଳର ବହୁ ଗ୍ରାମବାସୀ, ଅଭିଭାବକ ଅଭିଭାବିକା ଓ ପରିଚାଳନା କମିଟିର କର୍ମକର୍ତ୍ତା ବିଦ୍ୟାଳୟ ମଧ୍ୟରେ ପ୍ରବେଶ କରି ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ବାହାରକୁ ଡାକି ଆଣିବା ସହ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ସେହିପରି ବିଦ୍ୟାଳୟ ଫାଟକ ବାହାରେ ଛାତ୍ରୀଛାତ୍ରମାନଙ୍କ ସହ ସେମାନେ ଧାରଣାରେ ବସିରହିବା, ଭଙ୍ଗା ଟିଣ ଛାତ ମରାମତି ନ ହେବା ପର୍ଯ୍ୟନ୍ତ ସ୍କୁଲ ଫାଟକରୁ ତାଲା ଖୋଲାଯିବ ନାହିଁ ବୋଲି ଚରମବାଣୀ ଶୁଣାଇଥିଲେ। ଏହି ଅବସରରେ ସେମାନେ ଆଉ ଟିଣ ଛାତ କୋଠରୀ ବଦଳରେ କଂକ୍ରିଟ ଛାତ ବିଶିଷ୍ଟ ସ୍ଥାୟୀ କୋଠରୀ ନିର୍ମାଣ ପାଇଁ ମଧ୍ୟ ଦାବି କରିଥିଲେ । ଏହି ଧାରଣାରେ ନୂଆଁଡିହୀ ଗ୍ରାମ ପଞ୍ଚାୟତର ସରପଞ୍ଚ ମୋତିମାଳା ମହାକୁଳ ଓ ସମିତି ସଦସ୍ୟ ପୁଷ୍ପଲତା ପାତ୍ର ମଧ୍ୟ ସାମିଲ ଥିଲେ । ମାତ୍ର ଅପରାହ୍ନ ୪ଟା ପର୍ଯ୍ୟନ୍ତ ଜିଲା ଶିକ୍ଷା ବିଭାଗ କିମ୍ବା ରିଆମାଳ ବ୍ଲକର କୌଣସି ଅଧିକାରୀ ସେଠାକୁ ନ ଯିବାରୁ ସେମାନେ ନିଜ ନିଜ ଘରକୁ ଫେରିଯାଇଥିଲେ। ତେବେ ଗୁରୁବାର ପୁଣିଥରେ ସେମାନେ ବିଦ୍ୟାଳୟ ସମ୍ମୁଖରେ ବସିରହିବେ ବୋଲି ପ୍ରକାଶ କରିଛନ୍ତି।

## ଷ୍ଟିଲ ମେଲ୍ଟିଂ ଶପ୍-୨, ଲାଡେଲ ଫର୍ଣ୍ଣେସର ଭିତ୍ତିପ୍ରସ୍ତର ସ୍ଥାପନ

**ରାଉରକେଲା ଅଫିସ,୨୨।୬**

ରାଉରକେଲା ଇସ୍ପାତ କାରଖାନାର ଷ୍ଟିଲ ମେଲ୍ଟିଂ ଶପ୍-୨ରେ ଚତୁର୍ଥ ସ୍ଲାବ କାଷ୍ଟର ଓ ଲାଡେଲ ଫର୍ଣ୍ଣେସ ତଥା ଆନୁଷଙ୍ଗିକ ସୁବିଧା ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏ. କେ. କୁଣ୍ଡୁ, କାର୍ମିକ ପ୍ରଶାସନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥୀ, ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ପି. କେ. ସାହୁ, ଏସ୍‌ଏମ୍‌ଏସ୍-୨ର ବହୁ ବରିଷ୍ଠ ଅଧିକାରୀଙ୍କ ସହ ପ୍ରକଳ୍ପ ପରାମର୍ଶଦାତା ଓ କାର୍ମିକ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସ୍ଲାବ କ୍ଲଷ୍ଟର-୧ ନିକଟରେ ପ୍ରାୟ ୭୯୨ କୋଟି ଟଙ୍କାର ପ୍ରକଳ୍ପ ମୂଲ୍ୟ ଏହି ଆଧୁନିକ, ବୈଷୟିକ ଦୃଷ୍ଟିରୁ ଉନ୍ନତି ଶକ୍ତି ନିପୁଣ ଓ ପରିବେଶ ଅନୁକୂଳ ଚତୁର୍ଥ ସ୍ଲାବ କାଷ୍ଟର ଓ ଲାଡେଲ ଫର୍ଣ୍ଣେସ ନିର୍ମାଣ ହେବ। ନୂତନ ପ୍ରକଳ୍ପ ପ୍ରମୁଖ ସୁବିଧା ଗୁଡ଼ିକ ମଧ୍ୟରେ ବାର୍ଷିକ ୧ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ସିଙ୍ଗଲ ଷ୍ଟାଣ୍ଡ କ୍ୟାଷ୍ଟର, ୧୫୦ ଟନ୍ କ୍ଷମତା ବିଶିଷ୍ଟ ଏକ ଲେଡଲ୍ ଫର୍ଣ୍ଣେସ ଏବଂ ଏକ ନୂତନ ମୋଲ୍ଡ ସେଗମେଣ୍ଟ ମରାମତି ରହିଛି।

## ଭାଜପା ଏସ୍‌ସି ମୋର୍ଚ୍ଚାର ଉତ୍ସବ ପାଳନ

**ରାଷ୍ଟ୍ରପତି ପ୍ରାର୍ଥିନୀ ଭାବେ ଦ୍ରୌପଦୀ ମୁର୍ମୁଙ୍କ ନାମ ଘୋଷଣା ପରେ ଖୁସିର ଲହରି**

**ଦେବଗଡ଼,୨୨।୬(ଡି.ଏନ.ଏ)**

ଏନଡିଏ ପକ୍ଷରୁ ରାଷ୍ଟ୍ରପତି ପ୍ରାର୍ଥୀନୀ ଭାବେ ଝାଡ଼ଖଣ୍ଡ ରାଜ୍ୟର ପୂର୍ବତନ ରାଜ୍ୟପାଳ ତଥା ଓଡିଶା ମାଟିର ଝିଅ ଦ୍ରୌପଦୀ ମୁର୍ମୁଙ୍କ ନାମ ଘୋଷଣା କରାଯିବା ପରେ ଜିଲା ଭାଜପା ମହଲରେ ଖୁସିର ଲହରି ଦେଖାଦେଇଛି। ଏନେଇ ଜିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ଫଟକା ଫୁଟାଇ ଉତ୍ସବ ପାଳନ କରାଯିବା ସହ ଜନସାଧାରଣଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଛି। ସନ୍ଧ୍ୟାରେ ଜିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା (ଭାଜପା ଏସ୍.ସି.ସେଲ)ର ସଭାପତି ତଥା ଦେବଗଡ ଉପ ନଗରପାଳ ପ୍ରଜିତ କୁମାର ଭୋଜଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ସ୍ଥାନୀୟ ଗୋପବନ୍ଧୁ ଛକରେ ରୁଣ୍ଡ ହୋଇଥିଲେ । ସେଠାରେ ଦଳ ପକ୍ଷରୁ ବାଣ ଫଟକା ଫୁଟାଯିବା ସହ ମୁର୍ମୁଙ୍କ ସପକ୍ଷରେ ବିଭିନ୍ନ ସ୍ଲୋଗାନ ଦେବା ସହ ତାଙ୍କର ବିଜୟ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ମୁର୍ମୁଙ୍କୁ ରାଷ୍ଟ୍ରପତି ପଦବୀ ପାଇଁ ପ୍ରାର୍ଥୀ ଭାବେ ମନୋନୀତ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଥିଲେ। ସେଠାରେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଜିଲା ଭାଜପା ସଭାପତି ମୀନକେତନ ପ୍ରଧାନ, ଯୁବ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୟାଶଙ୍କର ଦ୍ୱିବେଦୀ ଓ ରାମଲୁ ପ୍ରଧାନଙ୍କ ସମେତ ବହୁ ଭାଜପା ନେତା ଓ କର୍ମୀ ସାମିଲ ଥିବା ଦେଖିବାକୁ ମିଳିଥିଲା । ଏହି ଅବସରରେ ଉକ୍ତ ରାସ୍ତା ଦେଇ ଯାତାୟତ କରୁଥିବା ଜନସାଧାରଣଙ୍କୁ ଦଳ ପକ୍ଷରୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।


ଭାଜପା ଏସ୍‌ସି ମୋର୍ଚ୍ଚା ପକ୍ଷରୁ ଖୁସି ମନା ଯାଉଛି।

## ବଞ୍ଚିତ ହେବେ ସୁନ୍ଦରଗଡ଼ର ବହୁ ଖେଳାଳି

**ରାଜ୍ୟସ୍ତରୀୟ ବକ୍ସିଂ ଚୟନ ପ୍ରତିଯୋଗିତା**

**ସୁନ୍ଦରଗଡ଼, ୨୨।୬(ଡି.ଏନ୍.ଏ)**

ଆସନ୍ତା ୨୩ ତାରିଖ ଗୁରୁବାର ପୁରୀଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ବକ୍ସିଂଚୟନ ପ୍ରତିଯୋଗିତାରୁ ସୁନ୍ଦରଗଡ଼ର ବହୁ ଖେଳାଳି ବଞ୍ଚିତ ହେବେ। ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ସୁନ୍ଦରଗଡ଼ର ବକ୍ସିଂ ଖେଳାଳିମାନଙ୍କୁ ଆଗୁଆ ସୂଚନା ଦିଆ ନ ଯିବା ଓ ଜିଲାସ୍ତରୀୟ ଚୟନ ପ୍ରତିଯୋଗିତା କରାଯାଇ ନ ଥିବାରୁ ଖେଳାଥିମାନେ ରାଜ୍ୟସ୍ତରୀୟ ଚୟନ ପ୍ରତିଯୋଗିତାରେ ଭାଗନେବାରୁ ବଞ୍ଚିତ ହେବେ ବୋଲି ବୁଧବାର ଜିଲାର ବକ୍ସିଂ ଖେଳାଳିମାନଙ୍କ ପକ୍ଷରୁ ସ୍ଥାନୀୟ ଜିଲା ପ୍ରେସ କ୍ଲବଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଖେଳାଳିମାନେ ଅଭିଯୋଗ କରିଛନ୍ତି ଯେ,ଏହି ରାଜ୍ୟସ୍ତରୀୟ ଖେଳାଳୀଚୟନ ଶିବିର ସକାଶେ ଗତ ୧୫ ତାରିଖଠାରୁ ସମସ୍ତ ଜିଲାକୁ ଚିଠି ପଠାଯାଇଛି। ସମସ୍ତ ଜିଲାରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଜିଲାସ୍ତରୀୟ ଚୟନ ପ୍ରତିଯୋଗିତା ସରିଛି। ହେଲେ ଦୁଃଖର ବିଷୟ ସୁନ୍ଦରଗଡ଼ ଜିଲାରେ ଆଜି ପର୍ଯ୍ୟନ୍ତ ଜିଲାସ୍ତରୀୟ ପ୍ରତିଯୋଗିତା ହୋଇନାହିଁ। କୌଣସି ଖବରକାଗଜ ହେଉ କିମ୍ବା କାହାରିକୁ ଚିଠି ଦିଆଯାଇ ନ ଥିବାରୁ ଏସମ୍ପର୍କରେ କୌଣସି ଖେଳାଳି ଜାଣିପାରିନାହାନ୍ତି। ୨୦୦୪ ଓ ୨୦୦୫ ରେ ଜନ୍ମଗ୍ରହଣ କରିଥିବା ବକ୍ସିଂ ଖେଳାଳି ଭାଗନେବାର ଥିଲେ ମଧ୍ୟ ଖେଳାଳିମାନେ ଚୟନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାରୁ ବଞ୍ଚିତ ହୋଇଛନ୍ତି। ଏସମ୍ପର୍କରେ ଖେଳାଳିମାନେ ଜିଲାପାଳଙ୍କ ଠାରେ ଲିଖିତ ଭାବେ ଅଭିଯୋଗ କରିବା ସହ ନ୍ୟାୟ ନ ମିଳିଲେ ଖେଳାଳିମାନେ ପୁରୀ ଯାଇ ରାଜ୍ୟ ବକ୍ସିଂ ସଂଘର ସମ୍ପାଦକ ଅନୀଲ ବହିଦାରଙ୍କୁ ବିରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି। ଅପରପକ୍ଷେ ଖେଳାଳିମାନଙ୍କ ଏଭଳି ଅଭିଯୋଗକୁ ଓଡିଶା ବକ୍ସିଂ ଆସୋସିଏଶନର ସମ୍ପାଦକ ତଥା ସୁନ୍ଦରଗଡ଼ ଜିଲା ବକ୍ସିଂ ଆସୋସିଏଶନର ସମ୍ପାଦକ ଅନିଲ ବହିଦାର ଦୃଢ ଭାବେ ଖଣ୍ଡନ କରିଛନ୍ତି। ଖେଳାଳିମାନଙ୍କୁ ଆଗୁଆ ସୂଚିତ କରାଯାଇଥିବା ବେଳେ ଫୋନ୍ ଯୋଗେ ମଧ୍ୟ ଅବଗତ କରାଯାଇଛି। ବୁଧବାର ସୁନ୍ଦରଗଡ଼ ଜିଲାସ୍ତରୀୟ ଚୟନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ଼ ଜିଲାରେ କ୍ରୀଡାର ଉନ୍ନତି ଓ କ୍ରୀଡାବିତଙ୍କୁ ପ୍ରୋତ୍ସାହନ ଯୋଗାଇବା ଦିଗରେ ସବୁବେଳେ ଉଦ୍ୟମ କରାଯାଉଛି ବୋଲି ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ ପ୍ରକାଶ କରିଛନ୍ତି।


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଖେଳାଳି।

## ଜଗଦା ରୋଡ୍‌ରେ ଜବରଦଖଲ ଉଚ୍ଛେଦ

**ରାଉରକେଲା ଅଫିସ,୨୨।୬**

ରାଉରକେଲା ଝିରପାଣି ଥାନା ଅନ୍ତର୍ଗତ ଜଗଦା ରୋଡ୍ ପାର୍ଶ୍ୱରେ ଦୀର୍ଘଦିନ ଧରି ଜବରଦଖଲ କରିଥିବା କିଛି ଘର ଓ ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ବୁଧବାର ବିଶ୍ରା ତହସିଲଦାରଙ୍କ ତତ୍ତ୍ୱାବଧାନରେ ଏହି ଉଚ୍ଛେଦ ହୋଇଥିଲା। ଶାନ୍ତି ଶୃଙ୍ଖଳା ବଜାଇ ରଖିବା ପାଇଁ ୨ପ୍ଲାଟୁନ ପୋଲିସ ଫୋର୍ସ ମୃତୟନ କରାଯାଇଥିଲା। ସୂଚନା ଅନୁସାରେ, ଜଗଦା ରୋଡ୍ ଝିରପାଣି ମୌଜା ଖାତା ନଂ-୨୦୯, ୨୧୦, ୨୧୧ର ପ୍ଲଟ ନଂ. ୧୫୫୦, ୧୫୭୧, ୧୫୯୨, ୧୫୬୯, ୧୫୭୨ର ପ୍ରାୟ ୭ ଡେସିମିଲ ଜାଗାକୁ କିଛି ବ୍ୟକ୍ତି ଜବରଦଖଲ କରି ଦୋକାନ କରି ଭଡାରେ ଲଗାଇଥିଲେ। ପ୍ରଶାସନ ପକ୍ଷରୁ ସେମାନଙ୍କୁ ବାରମ୍ବାର ନୋଟିସ ହେବା ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଫଳରେ ବୁଧବାର ସ୍ଥାନୀୟ ପୋଲିସ ପ୍ରଶାସନ ଓ ବିଶ୍ରା ତହସିଲଦାର ଜ୍ୟୋସ୍ନାରାଣୀ ସାହୁ, ମାଜିଷ୍ଟ୍ରେଟ୍ ତଥା ଅତିରିକ୍ତ ତହସିଲଦାର ପ୍ରେମ ପ୍ରକାଶ ବେହେରା, ଝିରପାଣି ଥାନାଧିକାରୀ ଦେବଜାନୀ ନାୟକ, ରାଜସ୍ୱ ନିରୀକ୍ଷକ, ଅନ୍ୟ ପ୍ରଶାସନିକ ଅଧିକାରୀ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଆଗାମୀ ଦିନରେ ଉକ୍ତ ସ୍ଥାନରେ ଜଗଦା ରାଜସ୍ୱ କାର୍ଯ୍ୟାଳୟ ହେବାକୁ ଥିବାରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଇଥିବା ବିଶ୍ରା ତହସିଲଦାର ସାହୁ ସୂଚନା ଦେଇଛନ୍ତି। ଏହାକୁ ନେଇ ଜବରଦଖଲକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ହେମଗିର ବ୍ଲକସ୍ତରୀୟ ସରପଞ୍ଚ ସଂଘ ଗଠିତ

**ସୁନ୍ଦରଗଡ଼, ୨୨।୬(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅନ୍ତର୍ଗତ ସମସ୍ତ ଗ୍ରାମପଞ୍ଚାୟତର ସରପଞ୍ଚମାନଙ୍କୁ ନେଇ ଏକ ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ସରପଞ୍ଚମାନଙ୍କ ବିଭିନ୍ନ ଦାବି ଓ ସମସ୍ୟା ଉପରେ ଆଲୋଚନା କରାଯିବା ସହ ବ୍ଲକସ୍ତରୀୟ ସରପଞ୍ଚ ସଂଘ ଗଠନ କରାଯାଇଥିଲା। ଏଥିରେ ଜୟକୃଷ୍ଣ ମାଝି ସଂଘର ସଭାପତି ଭାବେ ଚୟନ କରାଯାଇଥିବା ବେଳେ ପୁରବୀ ନାଏକ ଉପସଭାପତି, ଲିଜା ନାଏକ ସମ୍ପାଦକ, ଉପେନ୍ଦ୍ର ମଲ୍ଲିକଙ୍କୁ ସଂଘର କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଛି। ଏହି ବୈଠକରେ ସରପଞ୍ଚ ରେବତୀ ଛତ୍ରିଆଙ୍କୁ ଏନଟିପିସି ଡୁଲୁଙ୍ଗା କୋଇଲା ଖଣି ପ୍ରକଳ୍ପର ଜଣେ ପଦାଧିକାରୀ ଅସମ୍ମାନ କରିବା ଘଟଣାକୁ ଦୃଢ ନିନ୍ଦା କରାଯାଇଥିଲା। ଏଦିଗରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ସଂଘ ତରଫରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲିସ୍ଥିର ହୋଇଛି। ବୈଠକ ପରେ ସଂଘର ଏକ ପ୍ରତିନିଧି ମଣ୍ଡଳୀ ହେମଗିର ଥାନା ଅଧିକାରୀଙ୍କୁ ଭେଟି ଯଥାଶୀଘ୍ର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି।

## ଅବକାରୀ ବିଭାଗ, ପୋଲିସର ଚଢ଼ାଉ

**କୁତ୍ରା, ୨୨।୬(ଡି.ଏନ.ଏ)**

ସମ୍ବଲପୁର ଅବକାରୀ ବିଭାଗ ଓ ସୁନ୍ଦରଗଡ଼ ଜିଲା କୁତ୍ରା ପୋଲିସ ପକ୍ଷରୁ ଖତକୁରବାହାଲ ଗ୍ରାମ ଓ ଗୁଲେପଡ ଗ୍ରାମରେ ଚଢ଼ାଉ କରାଯାଇ ୨୦୦ ଲିଟର ମଦ ଜବତ କରାଯାଇଛି। ଏହା ସହିତ ୯ହଜାର ଲିଟର ମଦ ପୋଚକୁ ନଷ୍ଟ କରି ଦିଆଯାଇଛି। ବୁଧବାର ମହୁଲି ମଦ ରନ୍ଧା ହେଉଥିବାର ବିଶେଷ ସୂତ୍ରରୁ ଖବରପାଇ ଭୋରରୁ କୁତ୍ରା ପୋଲିସ ସହାୟତାରେ ଚଢ଼ାଉ କରାଯାଇ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଖତକୁରବାହାଲ ଗ୍ରାମର ଯୁଗେଶ୍ୱର ସାହୁ(୫୪) ଓ ଗୁଲେପଡା ଗ୍ରାମର ରଜନି ହେସ(୪୦)। ମଦ ପ୍ରସ୍ତୁତ କରାଯାଉଥିବା ସରଞ୍ଜାମଗୁଡିକ ମଧ୍ୟ ଜବତ କରାଯାଇଛି। ଦୀର୍ଘ ଦିନ ଧରି ଏହି ଅଞ୍ଚଳରେ ଅବାଧ ଭାବରେ ମଦ ପ୍ରସ୍ତୁତ ସହିତ ବିକ୍ରି ହେଉଛି। ଦୀର୍ଘଦିନର ବ୍ୟବଧାନ ପରେ ବଡ଼ଧରଣର ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଗୁଇନ୍ଦା ବିଭାଗର ଇନ୍ସପେକ୍ଟର ଶଶିକାନ୍ତ ଦତ୍ତ ଓ ପ୍ରମୋଦ କୁମାର ପଣ୍ଡା ଓ ତାଙ୍କ ସହଯୋଗୀଙ୍କ ସହିତ କୁତ୍ରା ଥାନା ଏସଆଇ ରଞ୍ଜନ ନାଏକ ସାମିଲ ହୋଇ ଚଢ଼ାଉ କରିଥିଲେ।


ଅବକାରୀ କର୍ମଚାରୀ ଓ ପୋଲିସ।

## ‘ସଙ୍ଗୀତରେ ରହିଛି ବିଶ୍ୱକୁ ବାନ୍ଧି ରଖିବାର କଳା’



ଉତ୍ସବରେ ସଙ୍ଗୀତ ପରିବେଷଣ କରାଯାଉଛି।

**ରାଉରକେଲା ଅଫିସ,୨୨।୬**

ରାଉରକେଲା ସେକ୍ଟର-୧୯ ସ୍ଥିତ ସିଭିକ୍ ସେଣ୍ଟର ପରିସରରେ ସଙ୍ଗୀତ ଶିଳ୍ପୀ ସମାଜ ପକ୍ଷରୁ ସଭାପତି ଶରତ ଧଳଙ୍କ ଅଧ୍ୟକ୍ଷତାରେ ବିଶ୍ୱ ସଙ୍ଗୀତ ଦିବସ-୨୦୨୨ ଅନୁଷ୍ଠିତ ହୋଇଛି। ଆର୍‌ଏସ୍‌ପିର ଭାରପ୍ରାପ୍ତ ମହାପ୍ରବନ୍ଧକ ବିଜୟ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଶ୍ୱକୁ ବାନ୍ଧି ରଖିବାର କଳା କେବଳ ସଙ୍ଗୀତରେ ଥାଏ ବୋଲି ଅତିଥି ରାଉତ ତାଙ୍କ ବକ୍ତବ୍ୟରେ କହିଥିଲେ। ଓଡିଶା ସଙ୍ଗୀତ ନାଟକ ଏକାଡେମୀର କାର୍ଯ୍ୟକାରୀ ସଦସ୍ୟ ଡ. ସମର ମୁଦାଲି ସମ୍ମାନିତ ଅତିଥି, ଅବସରପ୍ରାପ୍ତ ପ୍ରାଧ୍ୟପକ ପାରେଶ୍ୱର ବିଶ୍ୱାଳ, ହୃଷିକେଶ ରାୟ କଲେଜ ଅଧ୍ୟକ୍ଷ ଭବେଶ ଚନ୍ଦ୍ର ସାହୁ, ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟାପକ ଗୁରୁ ନିମାକାନ୍ତ ରାଉତରାୟ, ଡାକ୍ତର ଗୀତାଞ୍ଜଳି ପତ୍ରୀ ପ୍ରମୁଖ ବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଭଞ୍ଜ କଳାକେନ୍ଦ୍ର, ସପ୍ତେଶ୍ୱର କଳା ନିକେତନ ଓ ସ୍ୱରବ୍ରହ୍ମର ଶିଳ୍ପୀମାନେ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ମାରଙ୍ଗ ବୁରୁ କଳା ଅନୁଷ୍ଠାନ ପକ୍ଷରୁ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ କାଜଲ ଦାସ ମୁଖ୍ୟ ଅତିଥି, ମଞ୍ଚଶିଳ୍ପୀ ମାନସ ରଞ୍ଜନ ଉପାଧ୍ୟାୟ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଗୁରୁ ଜଗନ୍ନାଥ ଦାସଙ୍କ ନେତୃତ୍ୱରେ ୭୨ ଜଣ ତବଲା ବାଦକ ଏକାକାଳୀନ ତବଲା ବାଦନ କରିଥିଲେ। ପରେ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ରଶ୍ମି ରଞ୍ଜନ ଦାସ ସଂଯୋଜନା କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରଫୁଲ ମଙ୍ଗଳ, ଡ. ସୁଶାନ୍ତ କୁମାର ସାହୁ, ଗୌରାଙ୍ଗ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଉପଦେଷ୍ଟା ଇଂ. ପ୍ରତାପ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଚୋରି ଅଭିଯୋଗରେ ଅଭିଯୁକ୍ତଙ୍କୁ ୨ ବର୍ଷ କାରାଦଣ୍ଡ

ଖଡ଼ିଆଳ,(ଡି.ଏନ.ଏ.): ମୋବାଇଲ ଚୋରି ଅଭିଯୋଗରେ ନୂଆପଡ଼ା ଜିଲା ଖଡ଼ିଆଳ ଜେଏମ୍‌ଏଫ୍‌ସି ଯଶୋବନ୍ତ କୁଳଦୀପଙ୍କୁ ଦୋଷୀ ସାବ୍ୟସ୍ତ କରି ୨ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି। ସୂଚନା ଯେ, ୨୫ ଅଗଷ୍ଟ ୨୦୨୧ ରାତିରେ ଖଡ଼ିଆଳ ୱାର୍ଡ ନଂ. ୭ ନରେଶ କୁମାର ବହିଦାରଙ୍କ ଘରୁ ଦୁଇଟି ମୋବାଇଲ ଚୋରି ହୋଇଥିଲା। ଏ ନେଇ ୨୬ ଅଗଷ୍ଟ ୨୦୨୧ରେ ବହିଦାର ଖଡ଼ିଆଳ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଖଡ଼ିଆଳ ପୋଲିସ ଏକ ମାମଲା (ନଂ.୩୦୩/୨୧) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ମଙ୍ଗଳବାର ଜେଏମଏଫସି ରାୟ ଶୁଣାଇ ଅଭିଯୁକ୍ତ ଯଶୋବନ୍ତଙ୍କୁ ଦୁଇ ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି।

## ସଂକ୍ଷେପରେ

### କଣ୍ଟାବାଞ୍ଜି ଏନଏସିରେ ଦୁର୍ନୀତି ଅଭିଯୋଗ

ଟିଟିଲାଗଡ଼,୨୨।୬ (ଡି.ଏନ.ଏ.): କଣ୍ଟାବାଞ୍ଜି ଏନଏସି ଦ୍ୱାରା ନିର୍ମାଣାଧୀନ ଦୋକାନ ଗୃହରେ ବ୍ୟାପକ ଦୁର୍ନୀତି ହୋଇଥିବା କଣ୍ଟାବାଞ୍ଜି ବିଜେଡି ନେତାଙ୍କ ପକ୍ଷରୁ ଟିଟିଲାଗଡ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଦଳର ବରିଷ୍ଠ ନେତା ଅଜୟ ଦାଶ, ପ୍ରମୋଦ କର, ଦଳର ନଗର ସଭାପତି ଦେବାର ବାରିକ, ଯୁବ ସଭାପତି ବିଶାଳ ବେହେରା, ଜିଲା ସମ୍ପାଦକ ଶାନ୍ତନୁ ବିଭାର, ଜିଲା ମହିଳା ସାଧାରଣ ସମ୍ପାଦିକା ପିଙ୍କି ଖର୍ସେଲ, ନଗର ସଭାନେତ୍ରୀ ସସ୍ମିତା ଦଣ୍ଡସେନା, କାଉନସିଲର ଯାଜ୍ଞସେନୀ ନାଗ, ମନୀଷ ଅଗ୍ରୱାଲ, ପିଙ୍କି ମହାନନ୍ଦ ପ୍ରମୁଖ ବୁଧବାର ଟିଟିଲାଗଡ ଠାରେ ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହାକାରୀ ଜିଲାପାଳ ଡ. ଲଳିତ ବାଗଙ୍କୁ ଏନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦଳ ଅଭିଯୋଗ କରିଛି ଯେ କଣ୍ଟାବାଞ୍ଜି ଏନଏସିରେ ଉଠା ଦୋକାନୀଙ୍କୁ ଥଇଥାନ ପାଇଁ ଷ୍ଟଲ ନିର୍ମାଣ ବାବଦକୁ ରାଜ୍ୟ ସରକାର ଲକ୍ଷାଧିକ ଟଙ୍କା ପ୍ରଦାନ କରିଛନ୍ତି। ଗୋଟିଏ ଷ୍ଟଲ ପାଇଁ ୯୦ ହଜାର ଟଙ୍କା ଖର୍ଚ୍ଚ ଅଟକଳ ରହିଥିବା ବେଳେ ୨୦-୨୫ ହଜାର ଟଙ୍କା ଖର୍ଚ୍ଚ କରାଯାଇ ନିମ୍ନମାନର କାର୍ଯ୍ୟ ହେଉଛି। ଏହାର ଅତିଶୀଘ୍ର ତଦନ୍ତ ସହ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଦଳ ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ରାମଚନ୍ଦ୍ର ରାୟ, ହରିବନ୍ଧୁ ସିପକା, ବିଷ୍ଣୁ ବେହେରା, ଈଲୁ ନାଗ, ନିଶା ମହାନନ୍ଦ, ଅଷ୍ଟମୀ ବଗର୍ତ୍ତି, ସଞ୍ଜୟ ବେହେରା, ଡମ୍ବରୁ ମେହେର, ଅନିତା ଦଣ୍ଡସନା, ଜଗଦୀଶ ସୁନା, ଲଳିତ ମହାନ୍ତି, ଅଶୋକ କୁମାର, ଶଶୀଧ୍ୱଜ ହିଆଲ, ପ୍ରମୁଖ ଉପସ୍ଥିତ ଥିଲେ।

### କୋକସରା ଜବାହର ଉଚ୍ଚ ବିଦ୍ୟାଳୟରେ ସହଯୋଗ ତାଲିମ ଶିବିର

କୋକସରା,୨୨।୬(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର ମହକୁମାରେ ଥିବା ଜବାହର ଉଚ୍ଚ ବିଦ୍ୟାଳୟଠାରେ ବୁଧବାର ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟାସଭ୍ୟଙ୍କୁ ନେଇ ସହଯୋଗ-୨ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ସ୍କୁଲ ପରିଚାଳନା କମିଟି ସଦସ୍ୟ ତ୍ରିଭୁବନ ନାଏକ, ସନତ କୁମାର ପ୍ରଧାନୀ, ମନୋଜ ନାଏକ, ପ୍ରଦୀପ କିଶୋର ଦାସ ସମେତ ସ୍କୁଲ ଶିକ୍ଷୟିତ୍ରୀ ମଧୁସ୍ମିତା ନାଏକ, ବନିତାରାଣୀ ଦତ୍ତ, ସୀମାରାଣୀ ସିଂ, ରଶ୍ମିତା ନିଆଳ, ଶିକ୍ଷକ ହେମନ୍ତ ମାଝି, ଅମିତ କୁମାର ମହାନ୍ତି ଉପସ୍ଥିତ ରହିଥିଲେ। ସହଯୋଗ ତାଲିମ ଶିବିର ର କିପରି ସ୍କୁଲ ଭିତ୍ତିଭୂମି ଉନ୍ନତି ସହ ଶୈକ୍ଷିକ ପରିବେଶ ମଧ୍ୟରେ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ଦିଗରେ ପରିଚାଳନା କମିଟି ସଦସ୍ୟଙ୍କ ଭୂମିକା ରହିବ ସେ ନେଇ ପ୍ରଧାନ ଶିକ୍ଷକ ପଣ୍ଡା ମତ ଉପସ୍ଥାପନା କରିଥିଲେ।

### ଯାଦୁକଳାରେ ବିମୋହିତ କଲେ ହେରୀ, କୋଶଲ

ଟିଟିଲାଗଡ଼,୨୨।୬ (ଡି.ଏନ.ଏ.): ଦେଶର କୋଣ ଅନୁକୋଣରେ ପ୍ରାୟ ଚାରି ହଜାର ସ୍ଥାନରେ ନିଜ ଯାଦୁକଳା ପ୍ରଦର୍ଶନ ସାଙ୍ଗକୁ ଧାନ, ମାନସିକ ଶାନ୍ତିର ବାର୍ତ୍ତା ପ୍ରଦାନ କରି ଆସୁଛନ୍ତି ରାଜସ୍ଥାନ ମାଉଣ୍ଟଆବୁ ନିବାସୀ ହରିଶ କୁମାର ଓରଫ ହେରି ଏବଂ ତାଙ୍କ ଭାଇ କୋଶଲ । ଓଡିଶା ଗସ୍ତ ଅବସରରେ ବୁଧବାର ଟିଟିଲାଗଡ ଗୋବିନ୍ଦ ବାଟିକା ପରିସରରେ ମାଗଣାରେ ନିଜ ଯାଦୁକଳା ପ୍ରଦର୍ଶନ ପୂର୍ବରୁ ସ୍ଥାନୀୟ ବ୍ରହ୍ମକୁମାରୀ ଆଶ୍ରମରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଦୁଇ ଭାଇ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ଯାଦୁଗର ହେରି ନିଜ ଜୀବନ କାହାଣୀ ବଖାଣି ଥିଲେ। ସେ କହିଥିଲେ ଯେ, ଏକଦା କୁସଙ୍ଗରେ ପଡି ତାଙ୍କୁ ଦିନେ ଜେଲ ଯିବାକୁ ପଡିଥିଲା। ପରେ ବ୍ରହ୍ମକୁମାରୀ ଆଶ୍ରମର ଶରଣ ନେଇ ମନର ଏକାଗ୍ରତା, ଆତ୍ମିକ ଶାନ୍ତି ଲାଭ ସହ ଏହି ଯାଦୁକଳା ନେଇ ଖ୍ୟାତି ପାଇଥିଲେ। ରକ୍ତଦାନ ପରେ ଟ୍ରକ ଟାଣି ରକ୍ତଦାନ ଶରୀରକୁ ଦୁର୍ବଳ କରେ ନାହିଁ ବୋଲି ସମାଜକୁ ବାର୍ତ୍ତା ପ୍ରଦାନ କରିଥିଲେ। ଥରେ ମନୋବଳ ଦୃଢ ହେଲେ ମନୁଷ୍ୟ ଅସାଧ ମଧ ସାଧନ କରିପାରିବ। ଭାରତ ସର୍ବଦା ବିଶ୍ୱଗୁରୁ ଥିଲା, ଯାଦୁ ଆମ ଦେଶର ଏକ କଳା ବୋଲି ସେ କହିଥିଲେ। ଦେଶ ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଦୁଇ ଭାଇ ଦେଶର ବିଭିନ୍ନ ପ୍ରାନ୍ତକୁ ଭ୍ରମଣ ଜାରି ରଖିଛନ୍ତି। ଏହି ଅବସରରେ ହେରୀ ରିଏଲିଟି ଶୋ ଟାଲେଣ୍ଟ ୱାର୍ଲ୍ଡ ପ୍ରତିଯୋଗିତାର ବିଜେତା ତାଙ୍କ ଭାଇ କୋଶଲଙ୍କ ସହ ମିଶି କିଛି ଯାଦୁ ପ୍ରଦର୍ଶନ କରିଥିଲେ। ଏହି ସମ୍ମିଳନୀରେ ଆଶ୍ରମ ମୁଖ୍ୟ ବ୍ରହ୍ମକୁମାରୀ ପ୍ରୀତି ଯାଦୁଗରଙ୍କ ପରିଚୟ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ତିନି ଘଣ୍ଟାର କାର୍ଯ୍ୟକ୍ରମରେ ଦୁଇ ଯାଦୁଗର ଅନେକ ଚିତ୍ତାକର୍ଷକ ଯାଦୁ ପ୍ରଦର୍ଶନ ସହ ଆଧାତ୍ମିକ ବାର୍ତ୍ତା ପ୍ରଦାନ କରିଥିଲେ।

# ପିଅନଙ୍କ ଭରସାରେ ବିଇଓ କାର୍ଯ୍ୟାଳୟ

**ଜୁନାଗଡ଼ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ**

- ବିଳମ୍ବରେ ଆସୁଛନ୍ତି କର୍ମଚାରୀ
- ସିସିଟିଭି ଲଗାଗଲେ ଜଣାପଡ଼ନ୍ତା ସତ୍ୟତା

ଭବାନୀପାଟଣା,୨୨।୬(ସ୍ୱ.ପ୍ର.)



ଅଫିସ ସମୟରେ କର୍ମଚାରୀ ଆସି ନ ଥିବାରୁ ଚେୟାର ଖାଲିପଡ଼ିଛି।

କଳାହାଣ୍ଡି ଜିଲା ଜୁନାଗଡ଼ ବିଇଓ କାର୍ଯ୍ୟାଳୟ ଏବେ ଜଣେ ପିଅନଙ୍କ ଭରସାରେ ଚାଲିଛି। ଏଠାକାର ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟାଳୟକୁ ମନଇଚ୍ଛା ଆସୁଥିବା ଯୋଗୁ ସାଧାରଣରେ ଉଦବେଗ ପ୍ରକାଶ ପାଇଛି। ପୂର୍ବାହ୍ନ ୧୧ଟା ହେଲେ କିରାଣି ବାବୁ ଓ ପିଅନ ଅଫିସ ଆସି ପୁଣି ୩ଟାରେ ଫେରାର ମାରୁଥିବା ଅଭିଯୋଗ ହୋଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଜୁନାଗଡ଼ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ (ବିଇଓ ଅଫିସ)ରେ ଜଣେ ବିଇଓ, ୩ଜଣ ଏବିଇଓ, ୩ କିରାଣୀ, ୨ ଡାଟାଏଣ୍ଟ୍ରି ଅପରେଟର, ୨ ଆକାଉଣ୍ଟଟେଣ୍ଟ, ୨ ବିଆରପି, ଜଣେ ଏମଆଇଏସ ଓ ୩ଜଣ ପିଅନ ଅଛନ୍ତି। ବର୍ତ୍ତମାନ ଦୁଇଟି ପିଅନ ଡେପୁଟେଶନରେ ଆସିଥିବା ବେଳେ ଆଉ ଜଣେ ରେଗୁଲାର ପିଅନ ଅଛନ୍ତି। ରେଗୁଲାର ପିଅନଙ୍କ ହାତରେ ବିଇଓ ଅଫିସର ରିମୋଟ ଥିବା ନେଇ ଅଭିଯୋଗ ହୋଇଛି। ଏହି ପିଅନ ହିଁ କେଉଁ ଶିକ୍ଷକଙ୍କୁ କେଉଁଠି ବଦଳି କରାଯିବ ଓ କାହାକୁ କେଉଁ ଦାୟିତ୍ୱ ପ୍ରଦାନ କରାଯିବ ତାହାର ବ୍ଲ୍ୟୁ ପ୍ରିଣ୍ଟ ପ୍ରସ୍ତୁତ କରିଥାନ୍ତି। ବିଇଓ କାର୍ଯ୍ୟାଳୟରେ ଦୁଇଜଣ ଡେପୁଟେଶନ ପିଅନ ପ୍ରଥମେ ଆସି ଅଫିସ ଖୋଲିବା ସହିତ ସଫା ସୁତରା କରିଥାନ୍ତି। ପରେ ଡାଟାଏଣ୍ଟ୍ରି ଅପରେଟରମାନେ ଆସିଥାନ୍ତି। ତଳିଆ କର୍ମଚାରୀମାନେ ଚାକିରୀ ଭୟରେ ଶୀଘ୍ର ଅଫିସକୁ ଆସୁଥିବା ବେଳେ କିରାଣୀ ବାବୁମାନେ ଓ ସେହି ପିଅନ ବାବୁ ୧୧ରୁ ୧୨ଟା ସମୟରେ ଅଫିସ ଦୁଆର ମାଡିଥାନ୍ତି। ମହିଳା ବିଇଓଙ୍କୁ ଢାଲ କରି କର୍ମଚାରୀମାନେ ନିଜର ସମ୍ରାଜ୍ୟ ବିସ୍ତାର କରୁଛନ୍ତି। ବିଳମ୍ବରେ ଆସୁଥିବା ନେଇ ପୂର୍ବରୁ ମଧ ଅନେକ ଥର ଅଭିଯୋଗ ହୋଇଛି। ହେଲେ ଅଭିଯୋଗ ପରେ ଗୋଟିଏ କି ଦୁଇଦିନ ଠିକ ସମୟରେ ଆସି ପୁଣି ଥରେ ସେ ୧୧ଟା ପରେ ଆସୁଥିବା ଅଭିଯୋଗ ହୋଇଛି। ଶିକ୍ଷା ବିଭାଗ ଅଧିକାରୀମାନେ କେବେ ବି ଏହି ଅଫିସକୁ ତଦନ୍ତ ପାଇଁ ଆସୁ ନ ଥିବା ଯୋଗୁ ଅଫିସରେ ପିଅନ ମଧ ବିଇଓଙ୍କଠାରୁ ଅଧିକ ବଳବାନ ହେଉଛନ୍ତି। ଯଦି ଏହି କାର୍ଯ୍ୟାଳୟରେ ସିସି ଟିଭି ଲଗାଯିବ ତାହାହେଲେ କର୍ମଚାରୀମାନେ କେତେ ସମୟରେ ଅଫିସ ଆସି କେତେ ସମୟରେ ଯାଉଛନ୍ତି ତାହା ଜଣାପଡିବ। ଏ ନେଇ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାରଙ୍କୁ ପଚରିବାରୁ ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି କହିଥିଲେ।

# ୫ରେ ବିଧାନସଭା ଘେରାଉ ପାଇଁ ପ୍ରସ୍ତୁତି

ଲୋଇସିଂହା,୨୨।୬(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ଆଦିବାସୀ ଭବନଠାରେ କୋଶଳ ମୁକ୍ତି ମୋର୍ଚ୍ଚାର ଏକ ଜରୁରୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ସ୍ୱତନ୍ତ୍ର କୋଶଳ ରାଜ୍ୟ ପାଇଁ ଆସନ୍ତା ୫ ତାରିଖରେ ବିଧାନସଭା ଘେରାଉ ପାଇଁ ଆଲୋଚନା କରାଯାଇଥିଲା । ବୈଠକରେ ଆଦିବାସୀ କଲ୍ୟାଣ ସଂଘ ଜିଲା ସଭାପତି ଶ୍ୟାମସୁନ୍ଦର ଭୋଇ ଅଧକ୍ଷତା କରିଥିଲେ। ଏଥିରେ ସିପୁନ ଖମାରୀ, ଦେବ ପଣ୍ଡା, ନୟୁରୁଲ୍ଲା ଖାନ, କୁଶମେଲ ସରପଞ୍ଚ କୌସ୍ତୁବ ସାହୁ, ଅଭିଷେକ ଦାଶ, ବୀରେନ୍ଦ୍ର ପାଣ୍ଡେ, ଯୁଧିଷ୍ଠିର ଭୂଏ, ସୁବଳ ବିଶ୍ୱାଳ, ଭୋଜରାଜ ବୁଡେକ ସରୋଜ ପଧାନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସବୁ କ୍ଷେତ୍ରରେ ପଶ୍ଚିମ ଓଡିଶା ପ୍ରତି ସରକାରଙ୍କ ବୈମାତୃକ ମନୋଭାବକୁ ନେଇ ସେମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ପଶ୍ଚିମ ଓଡିଶାର ହକ୍ ପାଇଁ ସ୍ୱତନ୍ତ୍ର କୋଶଳ ରାଜ୍ୟର ଆବଶ୍ୟକତା ରହିଥିବା ସେମାନେ ମତବ୍ୟକ୍ତ କରିଥିଲେ। କୋଶଳ ମୁକ୍ତି ମୋର୍ଚ୍ଚା ପକ୍ଷରୁ ବିଧାନସଭା ଘେରାଉ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି। ଲାଲମନ ନାଗ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା




ମହିଳାମାନେ ଧାରଣାରେ ବସିଛନ୍ତି।

**ମାଇକ୍ରୋ ଫାଇନାନ୍ସ କମ୍ପାନୀ ଋଣ ଠକେଇ ନେଇ ନ୍ୟାୟ ଦାବି**

ଟିଟିଲାଗଡ଼,୨୨।୬ (ଡି.ଏନ.ଏ.)

ଟିଟିଲାଗଡ ଉପଖଣ୍ଡର ଶତାଧିକ ମହିଳାଙ୍କୁ ଘରୋଇ ମାଇକ୍ରୋ ଫାଇନାନ୍ସ କମ୍ପାନୀ ସହ ମିଶି ଦୁଇ ଜଣ ବ୍ୟକ୍ତି ଚଞ୍ଚକତା କରି ପ୍ରାୟ ୬ କୋଟି ଟଙ୍କାର ଠକେଇ କରିଥିବା ଅଭିଯୋଗ ହୋଇଛି। ଏନେଇ ବାରମ୍ବାର ଅଭିଯୋଗ ପରେ ମଧ କୌଣସି ସୁଫଳ ମିଳିନାହିଁ। ଫଳରେ ନ୍ୟାୟ ଦାବିରେ ବୁଧବାର ମହିଳାମାନେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଥିଲେ। ଟିଟିଲାଗଡ ଗରିବ ସେନା ସଭାପତି ବିରେନ୍ଦ୍ର ବାଗଙ୍କ ନେତୃତ୍ୱରେ ଏହି ଗଣଧାରଣା ଦିଆଯାଇଥିଲା। ଏହି ଅବସରରେ ଟିଟିଲାଗଡ ସଂଗଠନର ସଭାପତି ବାଗ, ବଙ୍ଗୋମୁଣ୍ଡା ଗରିବ ସେନା ସଭାପତି ଦିନେଶ ତାଣ୍ଡି, ଭାଜପା ରାଜ୍ୟ ଯୁବ ମୋର୍ଚ୍ଚା ସଦସ୍ୟ ନରସିଂ ସିଂ, ବୈବ ବାଗ, ସୁଦାମ ପ୍ରଧାନୀ, କାହ୍ନା ବେହେରା, ମହିଳା ଗୋଷ୍ଠୀ ସଦସ୍ୟଶ ଝରଣା ଜାନୀ, ସୁମିତ୍ରା ଭୋଇ, ବିଶାଖା ପୁଟେଲ, ଧରିତ୍ରୀ ଜାନୀ, ହେମା ସୁନା, ସରସ୍ୱତୀ ବାଗ ପ୍ରମୁଖ ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହାୟକ ଜିଲାପାଳ ଡ. ଲଳିତ ବାଗଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# କୋର୍ଟରେ ହାଜର ହେଲେ ରାଧେ, ଗୋବିନ୍ଦ

**ମମିତା ମେହେର ହତ୍ୟା ମାମଲା**

- ହୋଇ ପାରିଲାନି ଚାର୍ଜଫ୍ରେମ୍

ବଲାଙ୍ଗୀର ଅଫିସ, ୨୨।୬

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ମାମଲାର ଦୁଇ ଅଭିଯୁକ୍ତ ଗୋବିନ୍ଦ ସାହୁ ଓ ସହଯୋଗୀ ରାଧେଶ୍ୟାମ ଚଣ୍ଡୀଙ୍କୁ ବୁଧବାର କଣ୍ଟାବାଞ୍ଜି ଅତିରିକ୍ତ ଦୌରାଜଜ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ଓକିଲ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଯୋଗାଇ ଦେବାକୁ କୋର୍ଟରେ ଆବେଦନ କରିଥିଲେ। ତେବେ ପ୍ରତିପକ୍ଷ ସରକାରୀ ଓକିଲ ଏନେଇ ନିଜ ଯୁକ୍ତି ଉପସ୍ଥାପନ କରିଥିଲେ। ଅଭିଯୁକ୍ତଙ୍କ ପକ୍ଷରୁ ମଗାଯାଇଥିବା କାଗଜପତ୍ର ସମ୍ପର୍କରେ କୋର୍ଟ ପକ୍ଷରୁ କିଛି କୁହାଯାଇନାହିଁ । ଏନେଇ ପରବର୍ତ୍ତୀ ସମୟରେ ଶୁଣାଣି ହେବ ବୋଲି ଜଣାପଡିଛି। ଦୁଇ ଅଭିଯୁକ୍ତଙ୍କ ବିରୋଧରେ ଏପର୍ଯ୍ୟନ୍ତ ଚାର୍ଜଫ୍ରେମ୍ ହୋଇପାରି ନ ଥିବା ଜଣାପଡିଛି।

କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଶିକ୍ଷୟିତ୍ରୀ ମମିତା ମେହେର ଗତବର୍ଷ ଅକ୍ଟୋବର ୮ତାରିଖରୁ ନିଖୋଜ ହୋଇ ଯାଇଥିଲେ। ଏନେଇ ପରିବାର ପ୍ରଥମେ କଳାହାଣ୍ଡି ଜିଲା କେଗାଁ ଥାନାରେ ଅଭିଯୋଗ କରିଥିଲେ। ତେବେ ପୋଲିସ ଅଭିଯୋଗ ପତ୍ର ନ ରଖି ମମିତାଙ୍କ ପରିବାର ଲୋକଙ୍କୁ ଫେରାଇ ଦେଇଥିଲେ। ଏହାପରେ ପରିବାର ଲୋକେ ବଲାଙ୍ଗୀର ଜିଲାର ସିନ୍ଧେକେଲା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ମହାଲିଙ୍ଗସ୍ଥିତ ଘରୋଇ ସ୍କୁଲ ପରିଚାଳନା କମିଟି ସଭାପତି ଗୋବିନ୍ଦ ସାହୁଙ୍କୁ ଉଠାଇ ଆଣିଥିଲା। ଅକ୍ଟୋବର ୮ ତାରିଖ ଦିନ ମମିତା ମେହେରଙ୍କୁ ଗୋବିନ୍ଦ ନିଜ କାରରେ ଚାନ୍ଦୋତରା ଛକରୁ ଅପହରଣ କରିନେଇ ତଣ୍ଟିଚିପି ହତ୍ୟା କରିବା ଏବଂ ମହାଲିଙ୍ଗସ୍ଥିତ ନିର୍ମାଣାଧୀନ ଷ୍ଟାଡିୟମରେ ଗାତ ଖୋଳି ପୋଡି ଦେଇ ପୋତି ଦେଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଗୋବିନ୍ଦଙ୍କୁ ଟିଟିଲାଗଡ ପୋଲିସ ବାରାକ୍‌ରେ ଅଟକ ରଖିଥିବା ବେଳେ ଅକ୍ଟୋବର ୧୭ ତାରିଖ ଦିନ ସେ ପୋଲିସକୁ ଚକ୍‌ମା ଦେଇ ବାରାକ୍‌ରୁ ଫେରାର ହୋଇଯାଇଥିଲେ। ୧୯ ତାରିଖ ଦିନ ପୋଲିସ ବଙ୍ଗୋମୁଣ୍ଡା ଥାନା ବୁଢ଼ୀପଦର ଗାଁର ଏକ ଆଖୁ କିଆରୀରୁ ଗୋବିନ୍ଦଙ୍କୁ ଗିରଫ କରିଥିଲା। ମମିତା ହତ୍ୟାକାଣ୍ଡରେ ଗୋବିନ୍ଦଙ୍କ ସହଯୋଗୀ ରାଧେଶ୍ୟାମ ଚଣ୍ଡିଙ୍କ ସମ୍ପୃକ୍ତି ଜଣାପଡିବା ପରେ ତାଙ୍କୁ ମଧ ପୋଲିସ ଗିରଫ କରିଥିଲା।

# ୫ରେ ବିଧାନସଭା ଘେରିବ କୋଶଳ ମୁକ୍ତି ମୋର୍ଚ୍ଚା

ଭବାନୀପାଟଣା,୨୨।୬(ସ୍ୱ.ପ୍ର.)

ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ୍ୱ ହେବ ପଶ୍ଚିମ ଓଡିଶା ତଥା କେବିକେ ଅଞ୍ଚଳକୁ ସ୍ୱତନ୍ତ୍ର କୋଶଳ ରାଜ୍ୟ ମାନ୍ୟତା ଦାବି କରି ଆସୁଛି କୋଶଳ ମୁକ୍ତି ମୋର୍ଚ୍ଚା। ବିଭିନ୍ନ ସମୟରେ ଆନ୍ଦୋଳନ କରିବା ସହ ବନ୍ଦ ଡାକରା ଦେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କଠାରେ ଦାବି ଉପସ୍ଥାପନ କରିଆସୁଛି। ଏଥିପ୍ରତି ସରକାର କୌଣସି ପଦକ୍ଷେପ ଗ୍ରହଣ କରୁ ନାହାନ୍ତି। ଏହାକୁ ନେଇ ଆସନ୍ତା ୫ ତାରିଖରେ ବିଧାନସଭା ଘେରିବ ବୋଲି ନେଇ ଭବାନୀପାଟଣାଠାରେ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। କୋଶଳ ମୁକ୍ତି ମୋର୍ଚ୍ଚା କର୍ମକର୍ତ୍ତା ଅଭିଯୋଗ କରିଛନ୍ତି ଯେ, ହାଇକୋର୍ଟ ବେଞ୍ଚ ପ୍ରସଙ୍ଗଠାରୁ ଆରମ୍ଭ କରି ପଶ୍ଚିମ ଓଡିଶା ବିକାଶ ପରିଷଦ ମୁଖ୍ୟ କାର୍ଯ୍ୟାଳୟକୁ ପଶ୍ଚିମ ଓଡ଼ିଶାରେ ସ୍ଥାପନ ଭଳି ଅନେକ ଦାବି ଦୀର୍ଘ ଦିନ ଧରି ପଶ୍ଚିମ ଓଡିଶାବାସୀ କରି ଆସୁଛନ୍ତି। କିନ୍ତୁ ସରକାର ଏଥିପ୍ରତି ଦୃଷ୍ଟି ଦେଉନାହିନ୍ତି। ଏହାକୁ ନେଇ ଆସନ୍ତା ୫ ତାରିଖରେ ବିଧାନସଭା ଘେରାଉ କରିବ କୋଶଳ ମୁକ୍ତି ମୋର୍ଚ୍ଚା। ଘେରାଉରେ ସାମିଲ ହେବାକୁ ପଶ୍ଚିମ ଓଡିଶା ଜନସାଧାରଣମାନଙ୍କୁ ଆହ୍ୱାନ କରିଛନ୍ତି କୋଶଳ ମୁକ୍ତି ମୋର୍ଚ୍ଚାର କର୍ମକର୍ତ୍ତା। କଂଗ୍ରେସ ଯୁବ ନେତା ସାଗର ଚରଣ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ କୋଶଳ ମୁକ୍ତି ମୋର୍ଚ୍ଚା ସଂଯୋଗକ ସିପନ ଖମାରି, ରାଜ୍ୟ ଯୁବ କଂଗ୍ରେସ ଉପସଭାପତି ମହମ୍ମଦ ସାହେବ, ବରିଷ୍ଠ କଂଗ୍ରେସ ନେତା ସାଗର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ହାର୍ଭେଷ୍ଟର ମାଲିକ ସଂଘର ବୈଠକ



ବୈଠକରେ ମଞ୍ଚାସୀନ ହାର୍ଭେଷ୍ଟର ମାଲିକ ସଂଘର କର୍ମକର୍ତ୍ତା ବୃନ୍ଦ।

ଜୁନାଗଡ,୨୨।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ କଲ୍ୟାଣ ମଣ୍ଡପଠାରେ ବୁଧବାର ଜିଲାସ୍ତରୀୟ ହାର୍ଭେଷ୍ଟର ମାଲିକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ଏହା ପ୍ରଥମ ବୈଠକ ହୋଇଥିବାବେଳେ ଆଗକୁ କିପରି ସଂଘକୁ ମଜବୁତ୍ କରାଯିବ ସେ ନେଇ ବିଭିନ୍ନ ଦିଗ ଉପରେ ଆଲୋଚନା ମକରାଯାଇଥିଲା। ଏହାସହ ସଂଘକୁ ପରିଚାଳନା ପାଇଁ ଏକ ଜିଲାସ୍ତରୀୟ କମିଟି ଗଠନ କରାଯାଇଥିଲା। ଏଥିରେ ସର୍ବସମ୍ମତି ଭାବେ ଜିଲା ସଭାପତି ଭାବେ ଚିତ୍ତ ରଞ୍ଜନ ସାହୁ, ଉପସଭାପତି ପ୍ରଣବ ବେହେରା, ସମ୍ପାଦକ ଆଶିଷ ରାୟଗୁରୁ, କୋଷାଧକ୍ଷ ଦେବରାଜ ମିଶ୍ର, ଯୁଗ୍ମସମ୍ପାଦକ ପ୍ରମୋଦ ସାହୁ ଓ ସଂଘ ଆଇନ ପରାମର୍ଶଦାତା ଭାବେ ଆଦିତ୍ୟ ସାହୁ ମନୋନୀତ ହୋଇଥିଲେ। ସେହିପରି ପ୍ରତ୍ୟେକ ବ୍ଲକରୁ ଜଣେ ବ୍ଲକସ୍ତରୀୟ ସଭାପତି ଓ ସମ୍ପାଦକ ମଧ ଚୟନ କରାଯାଇଥିଲା। ବୈଠକରେ ଜିଲାର ବିଭିନ୍ନ ବ୍ଲକରୁ ଅନେକ ହାର୍ଭେଷ୍ଟର ମାଲିକମାନେ ଯୋଗଦେଇଥିଲେ।

# ଉପ ଜିଲା କନ୍ୟାଶ୍ରମର ପୁନରୁଦ୍ଧାର ଦାବି

ଲାଠୋର,୨୨।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ସରେଇବାହାଲ ଗ୍ରାମ ସମଲେଶ୍ୱରୀ କଲୋନୀଠାରେ ଥିବା ଉପଜିଲା କନ୍ୟାଶ୍ରମ ପୁନରୁଦ୍ଧାର ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ପ୍ରକାଶ ଯେ, ତତ୍କାଳୀନ ପାଟଣାଗଡ଼ ଉପ-ଜିଲାପାଳ ଅଶୋକ ବାଗଙ୍କ ଉପସ୍ଥିତରେ ଗତ ୧୯୯୯ ମସିହା ଏପ୍ରିଲ ୧୪ ତାରିଖରେ ଏହି କନ୍ୟାଶ୍ରମ ପ୍ରତିଷ୍ଠା ହୋଇଥିଲା। ସ୍ଥାନୀୟ ଅନୁସୂଚିତ ଜାତି ଜନଜାତି ଜନକଲ୍ୟାଣ ବିକାଶ ଯୁବ ପରିଷଦ ଏହାର ପରିଚାଳନା କରୁଥିଲେ। ଏଠାରେ ଅଞ୍ଚଳ ଓ ଏହାର ଆଖପାଖ ଅଞ୍ଚଳର ଅନୁସୂଚିତ ଜାତି ଜନଜାତି ସଂପ୍ରଦାୟର ଛାତ୍ରୀମାନଙ୍କୁ ବିଦ୍ୟାଳୟରେ ରହି ପାଠ ପଢିବାର ବ୍ୟବସ୍ଥା କରାଯାଇଥିଲା। ଶିକ୍ଷାଦାନ ପାଇଁ ୬ ଜଣ ଶିକ୍ଷୟିତ୍ରୀ ନିଯୁକ୍ତି କରାଯାଇ ପାଠ ପଢା ଯାଉଥିଲା। ସାଧାରଣ ଲୋକଙ୍କ ଠାରୁ ମୁଠି ଚାଉଳ ସଂଗ୍ରହ କରି ଯାହା ମିଳୁଥିଲା, ସେଥିରେ ଆଶ୍ରମ ଚାଲୁଥିଲା। ପରବର୍ତ୍ତୀ ସମୟରେ ପ୍ରଶାସନ ଆଶ୍ରମ ପରିଚାଳନା ପାଇଁ ପ୍ରତି ମାସ ଚାଉଳ ପ୍ରଦାନ କରିବାରୁ ଅନୁଷ୍ଠାନ ଚାଲିଥିଲା । ତେବେ କୌଣସି କାରଣରୁ ୨୦୧୪-୧୫ରେ ପ୍ରଶାସନ ଆଶ୍ରମକୁ ଚାଉଳ ଦେବା ବନ୍ଦ କରି ଦେଇଥିଲା। ଫଳରେ ଆଶ୍ରମଟି ଚଳି ନ ପାରି ବନ୍ଦ ହୋଇ ଯାଇଥିଲା। ଆଶ୍ରମ ବନ୍ଦ ହେବା ଯୋଗୁ ସେଠାରେ ଅଧ୍ୟୟନ କରୁଥିବା ଛାତ୍ରୀମାନଙ୍କ ମଧ୍ୟରୁ ଅନେକ ଛାତ୍ରୀଙ୍କ ପାଠପଢାରେ ଡ଼ୋରି ବନ୍ଧା ହୋଇ ଯାଇଥିଲା। ଏହି ଅନୁଷ୍ଠାନର ସମ୍ପାଦକ ଭୋଦେବ ବାରିକ ବିଭିନ୍ନ ସମୟରେ ବିଭିନ୍ନ ଅଧିକାରୀଙ୍କୁ ସାକ୍ଷାତ କରି ଆଶ୍ରମର ପୁନରୁଦ୍ଧାର ପାଇଁ ଗୁହାରି କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିଲା । ଫଳରେ ସମ୍ପାଦକ ବାରିକ ଗତ ମାର୍ଚ୍ଚ ୨ତାରିଖରେ ମୁଖ୍ୟଶାସନ ସଚିବଙ୍କୁ ଆଶ୍ରମର ପୁନରୁଦ୍ଧାର ପାଇଁ ଏକ ନିବେଦନ ପତ୍ର ଦେଇଥିଲେ। ଏହାକୁ ଭିତ୍ତି କରି ମୁଖ୍ୟଶାସନ ସଚିବଙ୍କ ସ୍ୱତନ୍ତ୍ର ଅଧିକାରୀ ବଲାଙ୍ଗୀର ପ୍ରଶାସନକୁ ଏ ସମ୍ପର୍କିତ ଏକ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଯଥା ଶୀଘ୍ର ଏହି କନ୍ୟାଶ୍ରମର ପୁନରୁଦ୍ଧାର କରିବା ପାଇଁ ଦାବି ହେଉଛି।

# ଭଟପଲା ଜଗନ୍ନାଥ ମନ୍ଦିରକୁ ରଥ ଦାନ କଲେ ଭକ୍ତ

କର୍ଲାମୁଣ୍ଡା,୨୨।୬(ଡି.ଏନ.ଏ.)



କରୋନା ଯୋଗୁ ଦୀର୍ଘ ୨ ବର୍ଷ ହେଲା ଶ୍ରୀ ଜଗନ୍ନାଥ ଭକ୍ତଙ୍କୁ ରଥରେ ଦର୍ଶନ ଦେଉ ନ ଥିଲେ। ଚଳିତବର୍ଷ ରଥରେ ବିଜେକରି ଭକ୍ତଙ୍କୁ ଦେବେ ଦର୍ଶନ। ତେଣୁ ଭକ୍ତଙ୍କ ମନରେ ଆନନ୍ଦର ଲହରୀ ଖେଳିଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଚା ପଞ୍ଚାୟତ ଟକାରୁମାଲ ଗ୍ରାମର ଲାଲମନ ସାହୁ ନିଜ ଖର୍ଚ୍ଚରେ ନିର୍ମିତ ରଥ ଭଟାପଲା ଶ୍ରୀ ଜଗନ୍ନାଥ ମନ୍ଦିରକୁ ବୁଧବାର ଦାନ କରିଛନ୍ତି। ଭଟାପଲା ଗ୍ରାମରୁ ସତାଧିକ ଲୋକ ଭଜନ କୀର୍ତ୍ତନ, ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳିରେ କମ୍ପି ଉଠିଥିଲା ସାହୁଙ୍କ ଘର ଏବଂ ଗାଁ ରୀତିନୀତି ଅନୁଯାଇ ପୂଜାର୍ଚ୍ଚନା କରାଯାଇଥିଲା। ସାହୁ ଅନ୍ନ ପ୍ରସାଦର ବ୍ୟବସ୍ଥା କରିଥିଲେ। ଭଟାପଲା ଗ୍ରାମବାସୀ ଆନନ୍ଦରେ ରଥକୁ ଟାଣି ନେଇଥିଲେ ନିଜଗାଁକୁ। ସାହୁଙ୍କ ଏପରି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଉଛି।

# ପାଟଦର୍ହା ଅଞ୍ଚଳରେ ଆତଙ୍କର ବାତାବରଣ

**ମାଓବାଦୀଙ୍କ ଆକ୍ରମଣରେ ୩ ଯବାନ ଶହୀଦ ଘଟଣା**

- ସିଆର୍‌ପିଏଫ୍ କ୍ୟାମ୍ପ, ରାସ୍ତା ନିର୍ମାଣକୁ ବିରୋଧ କରୁଥିଲେ ମାଓବାଦୀ
- ରାସ୍ତା ତିଆରି ସ୍ଥାନରେ ସୁରକ୍ଷା ପାଇଁ ନିୟୋଜିତ ଥିଲେ ଯବାନ

ବୋଡେନ,୨୨।୬(ଡି.ଏନ.ଏ.)



ମାଓବାଦୀଙ୍କ ଆକ୍ରମଣ ପରେ ଭଇଁସାଦାନୀରୁ ପାଟଦରା ରାସ୍ତା କାମ ବନ୍ଦ ରହିଛି।

ନୂଆପଡ଼ା ଜିଲା ବୋଡେନ ଥାନା ପାଟଦର୍ହା ସଂରକ୍ଷିତ ଜଙ୍ଗଲରେ ମଙ୍ଗଳବାର ସିଆର୍‌ପିଏଫ ୨୧୬ ବାଟାଲିୟନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟରେ ୩ ଯବାନ ଶହୀଦ ହୋଇଛନ୍ତି। ଏହି ଘଟଣା ପରେ ଏବେ ଅଞ୍ଚଳରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। କିଛି ଦିନ ପୂର୍ବରୁ ଧୋବଘାଟଠାରେ ଜିଲାପାଳଙ୍କ ଦ୍ୱାରା ଉଦ୍‌ଘାଟିତ ସାପ୍ତାହିକ ହାଟ ଭୟ ଯୋଗୁ ଆଜି ବନ୍ଦ ରହିଛି। ପ୍ରାପ୍ତ ସୂଚନା ଅନୁସାରେ, ଭଇଁସାଦାନୀରୁ ପାଟଦରା ରାସ୍ତା ମରାମତି କାମ ଚାଲିଥିଲା। କିଛି ଦିନ ପୂର୍ବରୁ କଳାହାଣ୍ଡି ଜିଲା ଚାଞ୍ଚେରଠାରେ ରାସ୍ତା କାମରେ ନିୟୋଜିତ ଗାଡିକୁ ମାଓବାଦୀ ପୋଡି ଦେଇଥିଲେ। ଏଠାରେ ରାସ୍ତା କାମ ଚାଲିଥିବା ବେଳେ ସିଆର୍‌ପିଏଫ୍ ଯବାନ ସୁରକ୍ଷା ପାଇଁ ନିୟୋଜିତ ଥିଲେ। ମଙ୍ଗଳବାର ଅପରାହ୍ନରେ କାମ ଚାଲିଥିବା ସ୍ଥାନ ରାସ୍ତାରୁ ପ୍ରାୟ ୧୦୦ ମିଟର ଜଙ୍ଗଲ ଭିତରେ ସୁରକ୍ଷିତ ସ୍ଥାନରେ ରହି ମାଓବାଦୀ ସୁରକ୍ଷା ଦାୟୀତ୍ୱରେ ଥିବା ଯବାନଙ୍କ ଉପରେ ପଛପଟୁ ଅତର୍କିତ ଆକ୍ରମଣ କରିଥିଲେ। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁସାରେ ମାଓବାଦୀ ଦେଶୀ ରକେଟ ଲଞ୍ଚରେ ଆକ୍ରମଣ କରିବା ପରେ ଗୁଳି ଚାଳନା କରିଥିଲେ। ଏଥିରେ ୩ ଯବାନ ଶହୀଦ ହୋଇଥିଲେ। ସିଆର୍‌ପିଏଫ୍‌ର ପ୍ରତିଆକ୍ରମଣରେ ମାଓବାଦୀ ଛତ୍ରଭଙ୍ଗ ଦେଇଥିଲେ। ଏହି ଘଟଣାରେ କେତେ ମାଓବାଦୀ ସାମିଲ ଥିଲେ ସେ ନେଇ କୌଣସି ଠିକ୍ ସୂଚନା ମିଳିନାହିଁ। ଏହି ଘଟଣା ପରେ ପାଟଦାରା ଉପତ୍ୟକା ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ବଢାଇ ଦିଆଯାଇଛି। ନୂଆପଡ଼ା ଏସ୍‌ପି ପ୍ରତ୍ୟୁଷ ଦିବାକର ଏବଂ ସିଆର୍‌ପିଏଫ୍‌ର ବରିଷ୍ଠ ଅଧିକାରୀମାନେ ଘଟଣା ଉପରେ ନଜର ରଖିଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୩ ଜୁନ୍, ୨୦୨୨



## କାଦୁଅରେ ଭର୍ତ୍ତି ପଦ୍ମପୁର ଦୈନିକ ବଜାର

ପଦ୍ମପୁର,(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ଦୈନିକ ବଜାର ଏବେ କାଦୁଅରେ ଭର୍ତ୍ତି ହୋଇଛି। ଅସରାଏ ବର୍ଷା ହେଲେ ବଜାର ମଧ୍ୟରେ ଡ୍ରେନ ପାଣି ବହୁଛି। ବଜାରକୁ ଆସୁଥିବା ବ୍ୟବସାୟୀମାନଙ୍କ ଠାରୁ ଭଡା ଆଦାୟ କରାଯାଉଥିବା ବେଳେ ଏହାର ମୌଳିକ ସୁବିଧା ପ୍ରତି ଦୃଷ୍ଟି ଦିଆଯାଉନାହିଁ। ଅପରପକ୍ଷେ ବଜାର ରାସ୍ତାରେ ଜବରଦଖଲ ବୃଦ୍ଧି ପାଉଛି। ଏଠାରେ ଆମିଷ ଓ ପରିବା ବଜାର ଏକାସାଙ୍ଗରେ ରହୁଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏ ଦିଗରେ ପଦକ୍ଷେପ ନେବା ପାଇଁ ଦାବି ହେଉଛି।

## ସଂକ୍ଷେପରେ

### କାର୍ ଧକ୍କାରେ ବୃଦ୍ଧ ମୃତ

ଅତାବିରା,୨୨।୬(ଡି.ଏନ.ଏ): ବରଗଡ଼ ଜିଲା ଅତାବିରା ତହସିଲ ଛକରେ ବୁଧବାର ଏକ କାର୍ (ନଂ.ଓଡ଼ି୧୭ଏସ୍/୨୨୮୯) ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଖଣ୍ଡହଥା ଗ୍ରାମର ଶଶୀଭୂଷଣ ତାଣ୍ଡି(୬୦)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନା ପଠାଇଛି । ପ୍ରକାଶ ଯେ, ଶଶୀଭୂଷଣ ଅତାବିରା ବ୍ଲକ ଭାଲୁପାଲି ସ୍ଥିତ ତାଙ୍କ ସମଦିଙ୍କ ଘରକୁ ଆସିଥିଲେ। ସେ ସାଇକେଲ ଯୋଗେ ଫେରୁଥିବାବେଳେ ତହସିଲ ଛକରେ କାର୍‌ଟି ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଅତାବିରା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ତାଙ୍କୁ ନିଆଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କ ମୃତ୍ୟୁ ହୋଇଥିଲା। ଅତାବିରା ପୋଲିସ ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରି ଅଧିକ ତଦନ୍ତ କରୁଛି।

### ଓଡ଼ିଶୀ ସଙ୍ଗୀତରେ ଲୋଲାଙ୍କ ସଫଳତା

ପଦ୍ମପୁର ୨୨.୬ ( ଡିଏନଏ): ଭୁବନେଶ୍ୱର ଆଳାପ କଲଚରାଲ ଟ୍ରଷ୍ଟ ପକ୍ଷରୁ ଗତ ୧୮ ଓ ୧୯ ତାରିଖ ଦୁଇଦିନ ବ୍ୟାପୀ ଆନ୍ତର୍ଜାତିକ ଓଡିଶୀ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଶ ବିଦେଶରୁ ଅନେକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କନିଷ୍ଠ ବର୍ଗରେ ବରଗଡ଼ ଜିଲା ପଦ୍ମପୁରର ଆର୍ଯ୍ୟା ଆଦ୍ୟାଶକ୍ତି ତ୍ରିପାଠୀ (ଲୋଲା) ପ୍ରଥମ ସ୍ଥାନ ଅଧିକାର କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ପୂର୍ବରୁ ସେ ଅନେକ ପ୍ରତିଯୋଗିତା ଓ ଉତ୍ସବରେ ନିଜ ପ୍ରତିଭା ପ୍ରତିପାଦନ କରି ଶାସ୍ତ୍ରୀୟ ସଙ୍ଗୀତ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଭୁବନେଶ୍ୱର ସ୍ଥିତ ଉତ୍କଳ ରଙ୍ଗମଞ୍ଚରେ ଓଡିଶୀ ସଙ୍ଗୀତ ଗବେଷଣା କେନ୍ଦ୍ର ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ସେ ଗୁରୁ ରାମହରି ଦାଶଙ୍କଠାରୁ ମାନପତ୍ର ଓ ଟ୍ରଫି ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, ଲୋଲା ପଦ୍ମପୁର ବ୍ରାହ୍ମଣପଡା ନିବାସୀ ଅବସରପ୍ରାପ୍ତ ଜିଲା ଜଜ୍ ରାମଚନ୍ଦ୍ର ତ୍ରିପାଠୀଙ୍କ ନାତୁଣୀ ତଥା ଯୁବ ଆଇନଜୀବୀ ଦୀପ୍ତିକାନ୍ତ ତ୍ରିପାଠୀ ଓ ସ୍ୱାଗତିକା ତ୍ରିପାଠୀଙ୍କ ଏକମାତ୍ର କନ୍ୟା ।

### ବରପାଲିରେ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ

ବରପାଲି,୨୨।୬(ଡି.ଏନ.ଏ.): ଜାତୀୟ ରାଜପଥ ପ୍ରଶସ୍ତୀକରଣ ପାଇଁ ବରଗଡ଼-ବଲାଙ୍ଗୀର ଜାତୀୟ ରାଜପଥର ବରପାଲି ସହର ମଧ୍ୟରେ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି। ଆଜି ସକାଳ ବୁଧବାର ସକାଳ ପ୍ରାୟ ୧୦ଟାରେ ଏହି ଉଚ୍ଛେଦ ପ୍ରକ୍ରିୟା ବରପାଲି ପେଟ୍ରୋଲ ପମ୍ପ ନିକଟରୁ ଆରମ୍ଭ ହୋଇଥିଲା। ଏହି କାମରେ ୫ଟି ଜେସିପି ମେଶିନ ବ୍ୟବହାର କରାଯାଇଥିଲା। ଜାତୀୟ ରାଜପଥ ପ୍ରଶସ୍ତୀକରଣ ପାଇଁ ମୁଖ୍ୟ ବଜାର ଭଙ୍ଗାଯିବା ସହ ସହରର ସୁନ୍ଦରତା ନଷ୍ଟ ହେବା ଆଶଙ୍କାରେ ବରପାଲି ବଣିକ ସଂଘ ସମେତ ସ୍ଥାନୀୟ ଜନସାଧାରଣ ସହର ବାହାରୁ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଦାବି କରିଥିଲେ। ଆଜିର ଉଚ୍ଛେଦ ଅଭିଯାନରେ ବରପାଲି ତହସିଲଦାର ଅକ୍ଷୟ କୁମାର ବାଗ, ବିଡ଼ିଓ ତ୍ରିବିକ୍ରମ କୁମୁରା, ଆଇଆଇସି ରୋଜାଲିନ ପଟେଲ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

### 'ରାଜ୍ୟସଭାରେ ପଶ୍ଚିମ ଓଡ଼ିଶାର ସମସ୍ୟା ଉଠିବ'

ପଦ୍ମପୁର,୨୨।୬(ଡି.ଏନ.ଏ.): ପଶ୍ଚିମ ଓଡ଼ିଶାର ବିଶେଷ କରି କେବିକେ ଓ ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଶିଳ୍ପ ବିହୀନ ତଥା ମରୁଡି ପ୍ରପୀଡ଼ିତ ଅଞ୍ଚଳ ଅଟେ। ଏଠାକାର ଦାଦନ ଓ ଚାଷୀଙ୍କ ସମସ୍ୟା, ଧାନର ଅଭାବୀ ବିକ୍ରି ରାଜ୍ୟସଭାରେ ଉତ୍ଥାପନ କରାଯିବ। ବୁଧବାର ପଦ୍ମପୁର ଗସ୍ତ ଅବସରରେ ଖବରଦାତାମାନଙ୍କ ସହିତ ସୌଜନ୍ୟମୂଳକ ଆଲୋଚନାରେ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ଏହା କହିଛନ୍ତି। ଏମ୍‌ଜିଏନ୍‌ଆରଇଜିଏରେ ଶ୍ରମିକମାନେ କିପରି ଶୀଘ୍ର ପ୍ରାପ୍ୟ ପାଇପାରିବେ ସେ ନେଇ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯିବ। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଉନ୍ନତିମୂଳକ ଯୋଜନା ତଳସ୍ତର ପର୍ଯ୍ୟନ୍ତ କିପରି ପହଞ୍ଚିବ ସେ ନେଇ ପ୍ରୟାସ ଜାରି ରହିବ। କେବଳ ଆଦିବାସୀ ଓ ହରିଜନ ନୁହନ୍ତି, ସମସ୍ତ ମଧ୍ୟବିତ୍ତ ଓ ଗରିବ ଲୋକମାନଙ୍କ ଦାବି ପୂରଣ ପାଇଁ ମୋର ଲଢ଼େଇ ଜାରି ରହିବ ବୋଲି ବିଶି କହିଥିଲେ। ଏହି ଅବସରରେ ସାମ୍ବାଦିକମାନେ ବିଶିଙ୍କୁ ଫୁଲତୋଡା ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ।

# ପର୍ବପର୍ବାଣି ଜନଜୀବନକୁ ଉତ୍‌ଫୁଲ୍ଲିତ କରେ






ରଜ ଉତ୍ସବ ଅବସରରେ ଅଙ୍କିତା ରାୟଗୁରୁ ନୃତ୍ୟ ପରିବେଷଣ କରୁଛନ୍ତି(ବାମ) । ରଜ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ ।

## ସୁବର୍ଣ୍ଣପୁରରେ ରଜ ମହୋତ୍ସବ ପାଳିତ

ସୋନପୁର,୨୨।୬(ନି. ପ୍ର.)

ସୁବର୍ଣ୍ଣପୁର ଜିଲା ସଂସ୍କୃତି ଭବନ ପ୍ରେକ୍ଷାଳୟରେ ଜିଲା ପ୍ରଶାସନ ଓ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ରଜ ମହୋତ୍ସବ ବୁଧବାର ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଯୋଗଦେଇ ପର୍ବପର୍ବାଣୀ ଜନ ଜୀବନକୁ ଉତ୍‌ଫୁଲ୍ଲିତ କରିବା ସହ ସାମାଜିକ, ଆଧ୍ୟାତ୍ମିକ, ବୌଦ୍ଧିକ ଓ ଅର୍ଥନୈତିକ ବିକାଶ କରିଥାଏ ବୋଲି କହିଥିଲେ । ସେ ଆହୁରି କହିଥିଲେ ଯେ,ରଜପର୍ବ କେବଳ ଝିଅ ବୋହୁଙ୍କ ଏକ ପର୍ବ ନୁହେଁ,ଏଥିରେ ରାଜ୍ୟର ସାଂସ୍କୃତିକ, ଆଧ୍ୟାତ୍ମିକ ଏବଂ ଅର୍ଥନୈତିକ ମହତ୍ତ୍ୱ ନିହିତ ଅଛି। ସାରା ରାଜ୍ୟରେ ରଜ ମହୋତ୍ସବ ପାଳନ ହେଉଥିବାରୁ ଏହା ନିଶ୍ଚିତ ଭାବରେ ପୂର୍ବ ଓ ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ସମ୍ପର୍କରେ ଏକ ନୂତନ ସୂତ୍ର ଯୋଡି ଦେବ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ, ସମାଜ କଲ୍ୟାଣ ଅଧିକାରୀ ଗୌରମଣି ହାଁସଦା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବିନ୍ଦ୍ର ପାଲକା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଡେ଼ପୁଟି କଲେକ୍ଟର ପ୍ରୟାସି ପଧାନ ଯୋଗ ଦେଇଥିଲେ। ଜିଲା ସଂସ୍କୃତି ଅଧିକାରୀ ଯମୁନା ପଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମା' ସନ୍ତୋଷୀ, ସୁବର୍ଣ୍ଣା, ତାରିଣୀ ଓ ସାରଳା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ବିଭିନ୍ନ ପ୍ରକାରର ସୁସ୍ୱାଦୁ ପିଠାପଣା ଓ ରଜ ପାନ ତିଆରି କରିଥିଲେ । ଯୁବ ନୃତ୍ୟଶିଳ୍ପୀ ଅଙ୍କିତା ରାୟଗୁରୁ ଏବଂ ସ୍ୱର୍ଣ୍ଣ ଶିଖାର କଳାକାରମାନେ ସସ୍ମିତା ପରମଗୁରୁ ଓ ବେଦବର ପାତ୍ରଙ୍କ ନିର୍ଦ୍ଦେଶନାରେ ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ। ବିଦ୍ୟାପତି ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। କଳାକାର ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ ମାନପତ୍ର ଓ ଟେରାକୋଟା ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଓଡିଶା ସଙ୍ଗୀତ ନାଟକ ଏକା ସଦସ୍ୟ ଶ୍ୱାଶ୍ୱତ ତ୍ରିପାଠୀଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ, କର୍ମଚାରୀ, ମହିଳା ସ୍ୱୟଂ ସହାୟକ ଦଳର ସଦସ୍ୟା, ଛାତ୍ରୀଛାତ୍ର ଓ ଜିଲା ଗ୍ରନ୍ଥାଳୟର ପାଠିକା ସହଯୋଗ କରିଥିଲେ।

# ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଦ୍ୱାରା ଉନ୍ନୟନ କାର୍ଯ୍ୟ ସମୀକ୍ଷା

ବିନିକା,୨୨।୬(ଡି.ଏନ୍.ଏ.)

ବୁଧବାର ସୁବର୍ଣ୍ଣପୁର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ନିହାର ରଞ୍ଜନ କହଁର ବିନିକା ଗସ୍ତରେ ଆସି ବ୍ଲକ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରେ ବିଶେଷ କରି ଏମଜିଏନଆରଇଜିଏସ, ଓଡିଶା ଜୀବିକା ମିଶନ,ଗ୍ରାମୀଣ ଆବାସ ଯୋଜନା,ସ୍ୱଚ୍ଛ ଭାରତ ମିଶନ ତଥା ପ୍ରକଳ୍ପଗୁଡିକର ଅଗ୍ରଗତି ନେଇ କହଁର ଦିଗଦର୍ଶନ ଦେଇଥିଲେ। ତୃଣମୂଳ ସ୍ତରରେ ଯେପରି ଯୋଗ୍ୟ ହିତାଧିକାରୀ ଯୋଜନାର ସୁଫଳ ପାଇ ପାରିବେ ସେଥିନେଇ ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ବ୍ଲକ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଓଡିଶା ଜୀବିକା ମିଶନ ଦ୍ୱାରା ଅଧିକରୁ ଅଧିକ ଯୋଗ୍ୟ ହିତାଧିକାରୀ ସାମିଲ କରି ଗ୍ରାମୀଣ ଅର୍ଥ ବ୍ୟବସ୍ଥାରେ ଉନ୍ନତି ଆଣିବା ସହିତ ଗ୍ରାମୀଣ ଜୀବନଯାପନ ଶୈଳୀରେ ଉନ୍ନତି ଆଣିବାକୁ ପରାମର୍ଶ ଦେଇଥିଲେ। ସେହିପରି ଅଧିକରୁ ଅଧିକ ଶ୍ରମ ଦିବସ ସୃଷ୍ଟି କରିବାକୁ ଗୁରୁତ୍ୱରୋପ କରିଥିଲେ। ଗ୍ରାମୀଣ ଆବାସ ଯୋଜନାରେ ଗରିବ ହିତାଧିକାରୀ ଯେପରି ଉପକୃତ ହେବେ ଓ ଏ କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ କହିଥିଲେ । ବୈଠକରେ ଉପ-ଜିଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ଓ ବିଭିନ୍ନ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ନିମନ୍ତେ ଆବଶ୍ୟକ ଜମି ବିଷୟ ନେଇ ଆଲୋଚନା କରିଥିଲେ । ବୈଠକରେ ବିନିକା ବିଡିଓ ବ୍ୟାସଦେବ ବେହେରା, ଜିପିଇଓ, ବ୍ଲକସ୍ତରୀୟ ଅଧିକାରୀ,କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ।



ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ,ଉପ-ଜିଲାପାଳ ଓ ଅନ୍ୟମାନେ।

# ବିଦ୍ୟାଳୟ ସୁରକ୍ଷାକୁ ଗୁରୁତ୍ୱ



ସ୍କୁଲ ସୁରକ୍ଷାକୁ ନେଇ ଅନୁଷ୍ଠିତ ବୈଠକରେ ପ୍ରଧାନଶିକ୍ଷକ, କମିଟି ସଭ୍ୟବୃନ୍ଦ।

ବରଗଡ଼ ଅଫିସ୍,୨୨।୬

ବରଗଡ଼ ବ୍ଲକ ରାଣାପ୍ରତାପ ହାଇସ୍କୁଲରେ ସ୍କୁଲ ସୁରକ୍ଷା ଏବଂ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୱାର୍ଡ଼ ନଂ-୧ କାଉନସିଲର ବେଦମତୀ ସେଟ୍, ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀ ସନ୍ତୋଷିନୀ ଭେସ୍ରା, ଆଶା କର୍ମୀ ସଂଯୁକ୍ତା କୁମ୍ଭାର, ଶିକ୍ଷକ ସୁଧାଂଶୁ ଶେଖର ସାହୁ, ସାମାଜିକ କର୍ମୀ ଉଦ୍ଧବ ସେଟ୍ ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲରେ ଛାତ୍ରୀଛାତ୍ର କିଭଳି ସୁରକ୍ଷିତ ରହିବେ, ତାହା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ। ସ୍କୁଲ ସମ୍ମୁଖ ରାସ୍ତାରେ ଅଧିକ ଯାନବାହନ ଚଳାଚଳ ହେଉଥିବାରୁ ସ୍କୁଲ ଫାଟକ ସମ୍ମୁଖ ରାସ୍ତାରେ ସ୍ପିଡ୍ ବ୍ରେକର ବ୍ୟବସ୍ଥା କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏ ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ସ୍କୁଲ ପରିସର ସଫା ସୁତୁରା ରଖିବାକୁ ମତପ୍ରକାଶ ପାଇଥିଲା। ଏଥିପାଇଁ ଆବଶ୍ୟକ ଅର୍ଥ ବିନିଯୋଗ ପାଇଁ ପ୍ରଧାନଶିକ୍ଷକଙ୍କୁ ସ୍କୁଲ କମିଟି ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ସୁନୀତା ମିଶ୍ର, ବବିତା ନାଏକ, ଜ୍ୟୋତ୍ସ୍ନା ତ୍ରିପାଠୀ, ଶିକ୍ଷକ ଡାକ୍ତର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିମାସରେ ଥରେ ଏଭଳି ବୈଠକ କରାଯାଇ ସ୍କୁଲ ସୁରକ୍ଷା ପ୍ରତି ଧ୍ୟାନ ଦିଆଯିବ ବୋଲି ପ୍ରଧାନଶିକ୍ଷକ ରଥ ସୂଚନା ପ୍ରଦାନ କରିଥିଲେ।

## ନିମ୍ନମାନର ମଧ୍ୟାହ୍ନଭୋଜନ ପ୍ରଦାନ ଅଭିଯୋଗ

ଦେଓଗାଁ,୨୨।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସିକୁଆଁ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଛାତ୍ରୀଛାତ୍ରଙ୍କୁ ନିମ୍ନମାନର ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି । ଏହି ଦିନ ପରିଚାଳନା କମିଟି ସଦସ୍ୟମାନେ ମଧ୍ୟାହ୍ନ ଭୋଜନ ତଦାରଖ କରିବା ପାଇଁ ଯିବା ସମୟରେ ପିଲାଙ୍କୁ ସରକାରଙ୍କ ମେନୁ ମୁତାବକ ଭୋଜନ ଦିଆଯାଉ ନ ଥିବା ଦେଖି କ୍ଷୋଭ ପ୍ରକାଶ କରିଥିଲେ। ଏହି ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପରିଚାଳନା ପାଇଁ ସ୍ଥାନୀୟ ଏକ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦାୟିତ୍ୱ ଦିଆଯାଇଛି । ପୂର୍ବରୁ ଏଭଳି ଅଭିଯୋଗ ଉଠିବା ପରେ ପରିଚାଳନା କମିଟି ସଦସ୍ୟ ଅଚାନକ ପରିଦର୍ଶନ କରି ପ୍ରଧାନ ଶିକ୍ଷୟିତ୍ରୀ ଓ ସଂପୃକ୍ତ ଗୋଷ୍ଠୀଙ୍କୁ ତାଗିଦ କରିଥିଲେ। ବୁଧବାର ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଦିଆଯିବା ସମୟରେ ଛାତ୍ରୀଛାତ୍ରଙ୍କ ଅଭିଯୋଗ ପାଇ ଗ୍ରାମର ଅଭିଭାବିକା କୁମାରୀ ପଧାନ, ଅନୁପମା ପଧାନ, ବେଲ ପଧାନ, ଶୋଭାଗିନୀ ସେଠ, ସୁରଚି ପଧାନ, ପଦ୍ମିନୀ ପଧାନ, ବାସନ୍ତି ସେଠ, ଗୌରୀ ପଧାନ ପ୍ରମୁଖ ଖାଦ୍ୟର ମାନକୁ ଦେଖି ଅସନ୍ତୋଷ ବ୍ୟକ୍ତ କରିଥିଲେ । ଏହାଛଡା ସ୍କୁଲ ପରିଚାଳନା କମିଟି ସଭାପତି କବି ସାହୁଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପରିଚାଳନା କମିଟି ସଭାପତି କବି ସାହୁଙ୍କୁ ପଚାରିବାରେ ନିମ୍ନମାନର ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯିବା ଅଭିଯୋଗର ସତ୍ୟତା ରହିଛି । କିନ୍ତୁ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ କେହି ଶୁଣୁ ନ ଥିବା କହିଛନ୍ତି।

# ବଜ୍ରପାତରେ ସାଇକେଲ ଆରୋହୀ ମୃତ

ବରପାଲି,୨୨।୬(ଡି.ଏନ.ଏ.)

ବରପାଲି ବ୍ଲକ ଅନ୍ତର୍ଗତ କୁମ୍ଭାରୀ ପାଟକୁଲୁଣ୍ଡା ରାଞ୍ଜି ପୋଲ ନିକଟରେ ବଜ୍ରପାତ ହେବାରୁ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପିଚୋ କଠାର(୫୦)। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଗୁରୁବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତଦନ୍ତ କରି ମୃତଦେହ ବ୍ୟବଛେଦ ପାଇଁ ପଠାଯିବ ବୋଲି ପୋଲିସ କହିଛି । ସୂଚନା ଅନୁସାରେ, ବୁଧବାର ପିଚୋ ସାଇକେଲରେ ଯାଉଥିବା ବେଳେ ରାଞ୍ଜି ପୋଲ ନିକଟରେ ବର୍ଷା ସହ ବଜ୍ରପାତ ହୋଇଥିଲା। ଫଳରେ ପିଚୋ ତଳେ ପଡିଯାଇଥିଲେ। ଖବର ପାଇ ତାଙ୍କ ଶ୍ୱଶୁର ଘର ଗାଁ କୁମ୍ଭାରୀର ଲୋକମାନେ ସେଠାକୁ ଆସି ଗୁରୁତର ଅବସ୍ଥାରେ ତାଙ୍କୁ ବରପାଲି ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ପିଚୋଙ୍କୁ ମୃତ ଘୋଷଣା କରିଥିଲେ।

# କରାଟେ ବେଲ୍ଟ ପ୍ରତିଯୋଗିତା



କରାଟେ ବେଲ୍ଟ ପରୀକ୍ଷାରେ କୃତୀ ପ୍ରତିଯୋଗୀ।

ଖଡ଼ିଆଳ,୨୨।୬(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ଉତ୍କଳ କରାଟେ ସ୍କୁଲ ପକ୍ଷରୁ କରାଟେ ବେଲ୍ଟ ପରୀକ୍ଷା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କରାଟେ ସ୍କୁଲ ପ୍ରତିଷ୍ଠାତା ଧର୍ମେଶ ମେହେର (ବ୍ରାଉନ ବେଲ୍ଟ) ଅନେକ ସମୟରେ ରାଜ୍ୟ ତଥା ରାଜ୍ୟ ବାହାରୁ ତାଲିମ ପ୍ରାପ୍ତ ବେଲ୍ଟଧାରୀଙ୍କୁ ଆଣି ତାଲିମ ପ୍ରଦାନ କରୁଥିବା ବେଳେ ଚଳିତବର୍ଷ ସୁରେଶ ଜାଲ ଯାଦବଙ୍କ (ବ୍ଲାକ ବେଲ୍ଟ) ନେତୃତ୍ୱରେ କରାଟେ ପରୀକ୍ଷା ପ୍ରତିଯୋଗିତା ହୋଇଥିଲା। ଏଥିରେ ଖଡ଼ିଆଳ ଅଞ୍ଚଳର ୨୦ଜଣ ଛାତ୍ର ଅଂଶ ଗ୍ରହଣ କରିଥିବା ବେଳେ ସେମାନଙ୍କ ମଧ୍ୟରେ ୧୧ ଜଣ ୟାଲୋ ବେଲ୍ଟ, ୩ଜଣ ଅରେଞ୍ଜ ବେଲ୍ଟ, ୬ଜଣ ଗ୍ରୀନ ବେଲ୍ଟ ପରୀକ୍ଷା ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ବେଲ୍ଟ ପ୍ରଦାନ କରାଯାଇଛି। ପ୍ରତିଯୋଗିତାରେ ମୁକେଶ କୁମାର ବାଗ ଓ ଯୋଗେଶ୍ୱର ତାଣ୍ଡି ସହଯୋଗ କରିଥିଲେ।

## ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା ପରେ ବୌଦ୍ଧ ଭାଜପାରେ ଉତ୍ସବର ମାହୋଲ

ବୌଦ୍ଧ,୨୨।୬(ସ୍ୱ.ପ୍ର)

ଓଡ଼ିଶାର ଜଣାଶୁଣା ଆଦିବାସୀ ମହିଳା ସମାଜସେବୀ ତଥା ପୂର୍ବତନ ଝାଡ଼ଖଣ୍ଡ ରାଜ୍ୟପାଳ, ପୂର୍ବତନ ମନ୍ତ୍ରୀ ଦ୍ରୌପଦୀ ମୁର୍ମୁଙ୍କୁ ଏନଡିଏ ପକ୍ଷରୁ ରାଷ୍ଟ୍ରପତି ପ୍ରାର୍ଥୀ ଭାବରେ ଘୋଷଣା ପରେ ବୌଦ୍ଧ ଜିଲା ଭାଜପାରେ ଉତ୍ସବର ମାହୋଲ ସୃଷ୍ଟି ହୋଇଛି। ଜିଲା ଭାଜପା କାର୍ଯ୍ୟାଳୟଠାରେ ସଭାପତି ବିପ୍ରଚରଣ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଏକ ନିରାଡମ୍ବର କାର୍ଯ୍ୟକ୍ରମରେ ଦ୍ରୌପଦୀଙ୍କ ରାଷ୍ଟ୍ରପତି ପ୍ରାର୍ଥୀତ୍ୱ ଯୋଗୁ ଭାଜପା ସବକା ସାଥ ସବକା ବିକାଶକୁ ଗୁରୁତ୍ୱ ଦେବା ସହିତ ଜଣେ ଆଦିବାସୀ ମହିଳାଙ୍କୁ ଦେଶର ସର୍ବୋଚ୍ଚ ଆସନରେ ବସାଇବାର ନିଷ୍ପତ୍ତି ନେଇଥିବାରୁ ମିଷ୍ଟାନ୍ନ ବଣ୍ଟନ କରି ଉତ୍ସବ ପାଳନ କରିଥିଲେ। ଏହି ଅବସରରେ ଜିଲା ଭାଜପା ଉପସଭାପତି ଶ୍ୟାମସୁନ୍ଦର ପୁରୋହିତ, ସାଧାରଣ ସମ୍ପାଦକ ତାପସ ପଟ୍ଟନାୟକ, ବ୍ୟୋମକେଶ ମହାପାତ୍ର, ବରିଷ୍ଠ ନେତା ମାଗୁଣି ଗାଇଗୌରିଆଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ଉପସ୍ଥିତ ଥିଲେ। ପରେ ଭାଜପା ପକ୍ଷରୁ ସହରସାରା ବୁଲିବୁଲି ମିଠା ବଣ୍ଟନ କରାଯାଇଥିଲା।

## ପାନୀୟଜଳ ସମସ୍ୟା, ବିଡିଓଙ୍କୁ ଫେରାଦ

ବରଗଡ଼ ଅଫିସ୍,୨୨।୬

ବରଗଡ଼ ଜିଲା ଗାଇସିଲେଟ ବ୍ଲକ କଠଉମାଲ ପଞ୍ଚାୟତର ସେମେଲଗୁଡ଼ିଆ ଗ୍ରାମବାସୀଙ୍କୁ ପାନୀୟଜଳ ଅପହଞ୍ଚ ହୋଇପଡ଼ିଛି । ଗ୍ରାମର କୂଅ, ନଳକୂଅରୁ ଦୂଷିତ ପାଣି ବାହାରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଦୂଷିତ ପାଣି ପିଇ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଫଳରେ ଏ ଦିଗରେ ବିହିତ ପଦକ୍ଷେପ ନେବା ସହିତ ବିଶୁଦ୍ଧ ଜଳ ଯୋଗାଇବା ପାଇଁ ଗ୍ରାମବାସୀ ବିଡ଼ିଓ ପ୍ରବୀଣ କୁମାର ବଣୁଆଙ୍କୁ ଫେରାଦ ହୋଇଛନ୍ତି। ସ୍ମାରକପତ୍ର ପାଇବା ପରେ ବୁଧବାର ଏକ ସ୍ୱାସ୍ଥ୍ୟ ଟିମ୍ ଉକ୍ତ ଗ୍ରାମକୁ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଗୋବର୍ଦ୍ଧନ ଭୋଏ, ଶଶୀଭୂଷଣ ବରିହା, ଗୋପାଳ ଭୋଏ, ଯଜ୍ଞେଶ୍ୱର ପ୍ରଧାନ, ସୋମନାଥ ସାହୁ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।



ପାନୀୟଜଳ ସମସ୍ୟା ନେଇ ବିଡ଼ିଓଙ୍କୁ ଫେରାଦ ହୋଇଛନ୍ତି।

# ଉପବାସରେ ଦିନ କାଟୁଛନ୍ତି ପକ୍ଷାଘାତ ରୋଗୀ

ବୌଦ୍ଧ,୨୨।୬(ସ୍ୱ.ପ୍ର.)



ପକ୍ଷାଘାତ ରୋଗୀ ଉପାସୀ ପ୍ରଧାନ ବିଛଣାରେ ଶୋଇଛନ୍ତି।

ସମାଜରୁ ଅସ୍ପୃଶ୍ୟତା ଭଳି କୁସଂସ୍କାରକୁ ଦୂରେଇବାକୁ ସରକାର ଯେତେ ଆଇନ କିମ୍ବା ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ସଭ୍ୟ ସମାଜରେ ତାହାର ପ୍ରଭାବ ପଡିପାରୁନାହିଁ। ଯଦିଓ ସରକାରୀ ଅନୁଷ୍ଠାନ କିମ୍ବା ସହରାଞ୍ଚଳରେ ଲୋକଙ୍କ ମଧ୍ୟରେ ଅସ୍ପୃଶ୍ୟତାକୁ ନେଇ ସଚେତନତା ସୃଷ୍ଟି ହୋଇଛି, ଗ୍ରାମାଞ୍ଚଳର ଲୋକମାନେ ଏବେ ମଧ୍ୟ ଏହି କୁସଂସ୍କାରର ଶିକାର ହୋଇ ରହିଛନ୍ତି। ପ୍ରତ୍ୟେକ ଗ୍ରାମକୁ ଗଲେ ହରିଜନ ବସ୍ତି ଅନ୍ୟ ବର୍ଗର ଲୋକଙ୍କଠାରୁ ଅଲଗା। ଏହିସବୁ ବସ୍ତିର ଲୋକମାନେ କୌଣସି ସମସ୍ୟାର ସମ୍ମୁଖିନ ହେଲେ ସହଜରେ ତାହାର ସମାଧାନ ହୋଇ ନ ଥାଏ। ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅନ୍ତର୍ଗତ ବାମଣ୍ଡା ପଞ୍ଚାୟତର ଖଣ୍ଡବର ଗ୍ରାମର ଏହିଭଳି ଏକ ଘଟଣା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ମୁତାବକ ଖଣ୍ଡବର ଗ୍ରାମର ଉପାସୀ ପ୍ରଧାନଙ୍କ ସ୍ୱାମୀ ସୁଶୀଳ ପ୍ରଧାନଙ୍କ ଏକବର୍ଷ ପୂର୍ବରୁ ମୃତ୍ୟୁ ହୋଇଯାଇଥିଲା। ଉପାସୀ ଜଣେ ପକ୍ଷଘାତ ରୋଗୀ। ଗୋଟିଏ ହାତ ଓ ଗୋଟିଏ ଗୋଡ ଚଳୁନାହିଁ। ପରିବାର ଲୋକ କହିଲେ କେହି ନାହାନ୍ତି। ସେ ସମ୍ପୂର୍ଣ୍ଣ ବେସାହାରା ଭାବରେ ଗ୍ରାମର ଏକ ଝାଟିମାଟି ଘରେ ପଡ଼ି ରହିଛନ୍ତି। ଅଛୁଆଁ ଜାତି ବୋଲି ଇଚ୍ଛା ଥିଲେ ବି କେହି ସାହାଯ୍ୟ କରିବାକୁ ଆଗେଇ ଆସିନାହାନ୍ତି। ଉପାସୀଙ୍କୁ ଚିକିତ୍ସା ଓ ସେବା ଦରକାର। କିନ୍ତୁ ଜାତି ପାଇଁ ତାଙ୍କୁ ଏହି ମୌଳିକ ଅଧିକାରରୁ ବଞ୍ଚିତ ହେବାକୁ ପଡୁଛି। ଏହି ଘଟଣା ସମ୍ପର୍କରେ ବାମଣ୍ଡା ଗ୍ରାମପଞ୍ଚାୟତର ସରପଞ୍ଚଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ କଥା ତାଙ୍କ ସ୍ୱାମୀଙ୍କ ନିକଟରେ ଅଟକି ଯାଇଥିଲା। ସରପଞ୍ଚଙ୍କ ସ୍ୱାମୀଙ୍କ ଉତ୍ତର ମଧ୍ୟ ଏହି ମାମଲାରେ ନିହାତି ବେପରୁଆ ଥିଲା। ଉପାସୀଙ୍କ ଅବସ୍ଥା ସମ୍ପର୍କରେ ତାଙ୍କ ନିକଟରେ ସୂଚନା ଥିବା କଥା ସେ ସ୍ୱୀକାର କରିବା ସହିତ ଅଛୁଆଁ ଜାତି ଯୋଗୁ କିପରି ସହାୟତା କରିବୁ ବୋଲି କହିଥିଲେ। ଏ ସମ୍ପର୍କରେ ଗ୍ରାମପଞ୍ଚାୟତ ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ କିମ୍ବା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ ତୁରନ୍ତ କରି ଉପାସୀଙ୍କୁ ଚିକିତ୍ସା ସେବା ଯୋଗାଇଦିଅନ୍ତୁ ବୋଲି ସରପଞ୍ଚଙ୍କ ସ୍ୱାମୀଙ୍କୁ ନିବେଦନ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଉପାସୀଙ୍କୁ ଉପଯୁକ୍ତ ଚିକିତ୍ସାସେବା ମିଳି ନ ଥିବା ଜଣାଯାଇଛି। ପରେ ସରପଞ୍ଚଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।